୪ ଭକ୍ତ ଓ ଭଗବାନଙ୍କ ଭିତରେ ସମ୍ପର୍କର ସେତୁ 'ଶ୍ରୀସେତୁ'




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008






ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୦ ● ସଂଖ୍ୟା–୩୩୯ ● ୮ ଜାନୁଆରୀ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -30 ● Issue-339 ● 8th January 2024, Monday ● Bhubaneswar | Licensed to post without pre-payment of postage No- BN-60/22-24


# କୃଷି, ଏମ୍‌ଏସ୍‌ଏମ୍‌ଇ ଓ ମହିଳା ଏସ୍‌ଏଚ୍‌ଜି ସଶକ୍ତ ଅର୍ଥନୀତିର ଆଧାର

ଭୁବନେଶ୍ୱର, ୭।୧

ନ୍ୟୁଜ୍ ବ୍ୟୁରୋ

କୃଷି, ଏମ୍‌ଏସ୍‌ଏମଇ ଓ ମିଶନ୍ ଶକ୍ତି ଗ୍ରୁପ୍ ହେଉଛି ଆମ ଅର୍ଥନୀତିର ପ୍ରମୁଖ ଆଧାର। ସେମାନଙ୍କୁ ସୁବିଧାରେ ଋଣ ସହାୟତା ମିଳିଲେ, ତାହା ଆମର ଆର୍ଥିକ ପ୍ରଗତିକୁ ଆହୁରି ତ୍ୱରାନ୍ୱିତ କରିବ ଏବଂ ଏକ ସଶକ୍ତ ଅର୍ଥନୀତି ଗଠନ ହୋଇପାରିବ। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରମୁଖ କ୍ଷେତ୍ରକୁ ଋଣ ପ୍ରଦାନରେ ଉତ୍କର୍ଷ ଲାଭ କରିଥିବା ବ୍ୟାଙ୍କମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ କୃଷି, ଏମ୍‌ଏସ୍‌ଏମ୍‌ଇ ଓ ମିଶନ୍ ଶକ୍ତି ଗୋଷ୍ଠୀ ପାଇଁ ବଜେଟ୍‌ରେ ଅଧିକ ବ୍ୟୟବରାଦ କରାଯାଉଛି। ଲୋକଙ୍କ ଉପରୁ ସୁଧ ବୋଝ ହାଲୁକା କରିବା ଲାଗି ରାଜ୍ୟ ସରକାର ସୁଧ ଉପରେ ସବ୍‌ସିଡି ପ୍ରଦାନ କରୁଛନ୍ତି । ଗ୍ରାମାଞ୍ଚଳର ଅର୍ଥନୀତି ବିକାଶରେ ମିଶନ୍ ଶକ୍ତି ଗୋଷ୍ଠୀର ଅବଦାନ ଅତୁଳନୀୟ। ସେଥିପାଇଁ ଆମ ସରକାର ମହିଳା ଏସ୍‌ଏଚ୍‌ଜି ମାନଙ୍କୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ ପ୍ରଦାନ କରୁଛନ୍ତି । ମିଶନ୍ ଶକ୍ତି ସ୍କୁଟର୍ ଯୋଜନାରେ ମହିଳାମାନେ ନିଜ ଉତ୍ପାଦର ବଜାରୀକରଣ କରିବା ସହ ବ୍ୟବସାୟ ସମ୍ପ୍ରସାରଣ କରିବା ପାଇଁ ସମର୍ଥ ହୋଇଛନ୍ତି। ମହିଳା ଏସ୍‌ଏଚ୍‌ଜିଗୁଡ଼ିକ ଯେପରି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏସ୍‌ଏମଇ)ରେ ପରିଣତ ହେବ, ସେଥିପାଇଁ ବ୍ୟାଙ୍କଗୁଡ଼ିକ ଆର୍ଥିକ ସହାୟତା ପ୍ରଦାନ କରିବା ଜରୁରୀ। ଏପରି ଏକ ମହାନ୍ କାର୍ଯ୍ୟ ପାଇଁ ସବୁ ବ୍ୟାଙ୍କ ଆଗେଇ ଆସନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ୨୦୨୨–୨୩ ଆର୍ଥିକ ବର୍ଷରେ ଓଡ଼ିଶା ୧ ଲକ୍ଷ ୩୫ ହଜାର ବାର୍ଷିକ ଋଣ ଲକ୍ଷ୍ୟ ପୂରଣ କରିବାରେ ସଫଳତା ପାଇଛି । ଓଡ଼ିଶା ପାଇଁ ଏହା ବହୁତ ବଡ଼ ଉପଲବ୍ଧି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଥିଲେ, ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାର ଅର୍ଥନୀତି ଜାତୀୟ ଅର୍ଥନୀତି ତୁଳନାରେ କ୍ଷୀପ୍ର ବେଗରେ ଅଗ୍ରସର ହେଉଛି । ଭଲ ପ୍ରଦର୍ଶନ କରିଥିବା ବ୍ୟାଙ୍କମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପୁରସ୍କାର ସହ ଅର୍ଥ ବିଭାଗ ୩ଟି ବର୍ଗରେ ପ୍ରଶଂସାପତ୍ର ପ୍ରଦାନ କରିବ। ମୋଟ ୨୭୦ ବ୍ୟାଙ୍କକୁ ପ୍ରଶଂସାପତ୍ର ପ୍ରଦାନ କରାଯିବ। ପ୍ରଥମ ସ୍ଥାନରେ ଥିବା ବ୍ୟାଙ୍କକୁ ୫ଲକ୍ଷ, ଦ୍ୱିତୀୟ ପାଇଁ ୩ ଲକ୍ଷ ଏବଂ ତୃତୀୟ ସ୍ଥାନରେ ଥିବା ବ୍ୟାଙ୍କକୁ ୨ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ଫାର୍ମ କ୍ଷେତ୍ରରେ ଏସ୍‌ବିଆଇ ଜଇପାଟଣା, କଳାହାଣ୍ଡି ଏଡିବି ଶାଖା ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ବ୍ରହ୍ମପୁର ଆକ୍ସିସ୍ ବ୍ୟାଙ୍କ ଦ୍ୱିତୀୟ ଏବଂ ୟୁକୋ ବ୍ୟାଙ୍କ ଜୟପୁର ତୃତୀୟ ପୁରସ୍କାର ପାଇଛନ୍ତି।

ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଋଣ ପାଇଁ ବ୍ୟାଙ୍କ ଅଫ୍ ଇଣ୍ଡିଆ ଜୟଦେବ ବିହାର ଶାଖା, ପିଏନ୍‌ବି ବାଲେଶ୍ୱର ଏବଂ ସୁନ୍ଦରଗଡ଼ (ପୃଷ୍ଠା ୭ରେ)

# କଳାମଣ୍ଡଳ ସମ୍ମିଳନୀ କେନ୍ଦ୍ର ନିର୍ମାଣ କାମର ଅଗ୍ରଗତି ସମୀକ୍ଷା କଲେ ୫-ଟି ଅଧ୍ୟକ୍ଷ

## ଚାରି ମାସ ମଧ୍ୟରେ କାମ ଶେଷ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୭।୧

ନ୍ୟୁଜ୍ ବ୍ୟୁରୋ



ଆସନ୍ତା ଫେବୃୟାରୀ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ରାଜ୍ୟରେ ପ୍ରଥମ ଥର ପାଇଁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି । ଏହି ସମ୍ମିଳନୀକୁ ଆହୁରି ସ୍ମରଣୀୟ କରିବା ନିମନ୍ତେ ଭୁବନେଶ୍ୱରର କଳାମଣ୍ଡଳ ପରିସରରେ ନିର୍ମିତ ହେଉଛି ଅକ୍ଷରଭୂମି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ତଥା ଆମ ଓଡ଼ିଶା ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ ପାଣ୍ଡିଆନ ରବିବାର ସକାଳେ କଳାମଣ୍ଡଳ ଯାଇ ଏହାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି ।

ଦୁଇ ହଜାର ସ୍ଥାନ ବିଶିଷ୍ଟ କଳାମଣ୍ଡଳ ସମ୍ମିଳନୀ କେନ୍ଦ୍ର ହେବ ରାଜ୍ୟର ସବୁଠାରୁ ବଡ ସମ୍ମିଳନୀ କେନ୍ଦ୍ର। ଆଗାମୀ ଚାରି ମାସ ମଧ୍ୟରେ ଏହାର ନିର୍ମାଣ କାମ ଶେଷ କରିବାକୁ ଶ୍ରୀ ପାଣ୍ଡିଆନ ନିର୍ଦ୍ଦେଶ ଦେଇଥିଲେ। କଳାମଣ୍ଡଳର ଆଭ୍ୟନ୍ତରୀଣ ସାଜସଜା ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ପୃଷ୍ଠଭୂମି ଢାଞ୍ଚାରେ କରିବାକୁ ଶ୍ରୀ ପାଣ୍ଡିଆନ ପରାମର୍ଶ ଦେଇଥିଲେ।

ସୂଚନାଯୋଗ୍ୟ ଯେ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏହି ସମ୍ମିଳନୀ କେନ୍ଦ୍ରର ନିର୍ମାଣ ଦାୟିତ୍ୱ ନେଇଛି।

ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀକୁ ଚିର ସ୍ମରଣୀୟ କରିବା ପାଇଁ କଳାମଣ୍ଡଳ ପରିସରରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଥିବା ଅକ୍ଷର ଭୂମି କାମ ମଧ୍ୟ ଶ୍ରୀ ପାଣ୍ଡିଆନ ବୁଲି ଦେଖିଥିଲେ । ଖାଣ୍ଡେଲାଇଟ ପଥରରେ କଳିଙ୍ଗ ଶୈଳୀରେ ଓଡ଼ିଶାର କଳା ଓ ଭାସ୍କର୍ଯ୍ୟର ଅପୂର୍ବ ନିଦର୍ଶନ ହେବ । ଏହା ଆମର ମହାନ ଐତିହ୍ୟ ଓ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଗୌରବ ବିଷୟରେ ଅକ୍ଷର ଭୂମି ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେଇଚାଲିବ ଏବଂ ଓଡିଆ ଭାଷାର ଅସ୍ମିତାର ପରିଚୟ ହେବ ବୋଲି ଶ୍ରୀ ପାଣ୍ଡିଆନ ଆଶାବ୍ୟକ୍ତ କରିଥିଲେ।

ଏହି ଅକ୍ଷର ଭୂମି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଶ୍ରୀ ପାଣ୍ଡିଆନ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାର ନିର୍ମାଣ କାର୍ଯ୍ୟ ଉଭୟ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ ପୂର୍ତ୍ତ ବିଭାଗ ସହଯୋଗରେ କରାଯାଉଛି। ଭବିଷ୍ୟତ ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି ଅଧିକ ଖୋଲା ସ୍ଥାନ ରଖିବା ଏବଂ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପାର୍କିଂ ବ୍ୟବସ୍ଥାର ବିକାଶ ପାଇଁ (ପୃଷ୍ଠା ୭ରେ)

# ପ୍ରବଳ ଶୀତ ଯୋଗୁ ଦିଲ୍ଲୀରେ ସ୍କୁଲ ଛୁଟି ଆଉ ୫ ଦିନ ବଢ଼ିଲା

ନୂଆଦିଲ୍ଲୀ, ୭।୧

ପ୍ରବଳ ଶୀତ ଯୋଗୁ ଦିଲ୍ଲୀରେ ସ୍କୁଲ ଛୁଟିକୁ ଆଉ ୫ ଦିନ ପାଇଁ ଦିଲ୍ଲୀ ସରକାର ବଢ଼ାଇଛନ୍ତି । ଏନେଇ ଦିଲ୍ଲୀ ଶିକ୍ଷାମନ୍ତ୍ରୀ ଅତିଶୀ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି । ନର୍ସରୀ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଜାନୁଆରୀ ୧୨ ତାରିଖ ଯାଏ ସ୍କୁଲ ବନ୍ଦ ରହିବ ବୋଲି ଶିକ୍ଷାମନ୍ତ୍ରୀ କହିଛନ୍ତି। ଏହି ନିୟମ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଓ ପଞ୍ଜିକୃତ ଘରୋଇ ସ୍କୁଲ ପାଇଁ ଲାଗୁ ହେବ ବୋଲି ଦିଲ୍ଲୀ ସରକାର ଘୋଷଣା କରିଛନ୍ତି।

ଦିଲ୍ଲୀର ଶିକ୍ଷା ନିର୍ଦ୍ଦେଶକଙ୍କ ଦ୍ୱାରା ଜାରି କରାଯାଇଥିବା ସୂଚନା ଅନୁସାରେ, ଜାନୁଆରୀ ୧୫ ତାରିଖରୁ ପ୍ରାଇମେରୀ ପିଲାମାନେ ସ୍କୁଲକୁ ଆସିବେ। ତେବେ ସେତେବେଳ ପର୍ଯ୍ୟନ୍ତ ପ୍ରାଇମେରୀ ଛାତ୍ରଛାତ୍ରୀଙ୍କ ପାଇଁ ଅନଲାଇନ କ୍ଲାସ ହେବ ବୋଲି ନିର୍ଦ୍ଦେଶକ କହିଛନ୍ତି।

ତେବେ, ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନେ ଶୀତ ଛୁଟି ପରେ ସ୍କୁଲ ଆସିବେ। କିନ୍ତୁ ଥଣ୍ଡା ପାଗ ଯୋଗୁ କୌଣସି (ପୃଷ୍ଠା ୭ରେ)


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


## ୨୦୨୪ ଲୋକସଭା ନିର୍ବାଚନ ପାଇଁ

# ୧୩ରେ ବିହାରରୁ ପ୍ରଚାର ଅଭିଯାନ ଆରମ୍ଭ କରିପାରନ୍ତି ପ୍ରଧାନମନ୍ତ୍ରୀ ମୋଦି

ନୂଆଦିଲ୍ଲୀ, ୭।୧



ଆଗାମୀ ଲୋକସଭା ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାନୁଆରୀ ୧୩ ତାରିଖରେ ବିହାରର ଚମ୍ପାରଣ ଜିଲ୍ଲା ବେତିଆ ସହରର ରମଣ ମଇଦାନରେ ଏକ ରାଲିକୁ ସମ୍ବୋଧିତ କରି ପ୍ରଚାର ଅଭିଯାନ ଆରମ୍ଭ କରିପାରନ୍ତି । ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦି ସମଗ୍ର ବିହାରରେ ସଡ଼କ ଓ ପୋଲ ସମେତ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ବିହାରରେ ୨୦୨୪ ଲୋକସଭା ନିର୍ବାଚନ ପାଇଁ (ପୃଷ୍ଠା ୭ରେ)

## ରୂପାନ୍ତରଣର ନୂଆ ଅଧ୍ୟାୟ ଲେଖିବ ସ୍ୱାଭିମାନ ଅଞ୍ଚଳ

# ୯ରେ ମାଲକାନଗିରି ବିମାନ ବନ୍ଦର ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ

ମାଲକାନଗିରି, ୭।୧

ନ୍ୟୁଜ୍ ବ୍ୟୁରୋ



ବର୍ଷ ବର୍ଷ ଧରି ଅପେକ୍ଷା ଥିବା ସ୍ୱପ୍ନ ପୂରଣ ହେବାକୁ ଯାଉଛି । ରବିବାର ମାଲକାନଗିରି ବିମାନ ବନ୍ଦରକୁ ବିମାନର ଟ୍ରାଏଲ ରନ ସଫଳ ହୋଇଥିବା ବେଳେ ଖୁବ୍‌ଶୀଘ୍ର ବିମାନ ଉଡିବ। ଆସନ୍ତା ୯ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ବିମାନ ବନ୍ଦର ଲୋକାର୍ପଣ କରିବେ। ଭୁବନେଶ୍ୱରରୁ ମୁଖ୍ୟମନ୍ତ୍ରୀ ମାଲକାନଗିରି ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ବିମାନ ବନ୍ଦର ଉଦ୍‌ଘାଟନ ସହ ନୂତନ ବିମାନ ଚଳାଚଳର ଶୁଭାରମ୍ଭ କରିବେ।

ତେବେ ବିମାନ ଉଡାଣ ପୂର୍ବରୁ ରବିବାର ମାଲକାନଗିରି ବିମାନ ବନ୍ଦରରେ ଟ୍ରାଏଲ ରନ ସଫଳ ହୋଇଛି । ନୂଆ ବିମାନ ବନ୍ଦରରେ ପରୀକ୍ଷା ମୂଳକ ଭାବେ ଭିଟି –୧୦୦ ବିମାନ ଅବତରଣ କରିଥିଲା। ଅବତରଣ ପରେ ପାଇଲଟ ବିମାନ ବନ୍ଦରର ଯାଞ୍ଚ କରିବା ସହ ବିମାନ ବନ୍ଦର ପ୍ରସ୍ତୁତିକୁ (ପୃଷ୍ଠା ୭ରେ)

# ମୋଦିଙ୍କ ବିରୋଧରେ ଆପତ୍ତିଜନକ ବୟାନ ଦେଇ ମନ୍ତ୍ରୀପଦ ହରାଇଲେ ମାଳଦ୍ୱୀପର ୩ ସାଂସଦ

ନୂଆଦିଲ୍ଲୀ, ୭।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା ମାଳଦ୍ୱୀପର ୩ ଜଣ ମନ୍ତ୍ରୀ ନିଜର ପଦ ହରାଇଛନ୍ତି । ମାଳଦ୍ୱୀପ ସରକାର ରବିବାର ନିଜର ତିନି ଜଣ ମନ୍ତ୍ରୀଙ୍କୁ ନିଲମ୍ବିତ କରିଛନ୍ତି। ନିଲମ୍ବିତ ହୋଇଥିବା ତିନି ମନ୍ତ୍ରୀ ହେଲେ ମରିୟମ ସିଉନା, ମାଲସା ଓ ହାସନ ଜିହାନ୍ । ଲାକ୍ଷାଦ୍ୱୀପରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ବିରୋଧରେ ଅପମାନଜନକ ଏବଂ ଜାତିବାଦୀ ମନ୍ତବ୍ୟ ଦେଇଥିବାରୁ ଭାରତୀୟ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମାଲୋଚନା ପରେ ଏହି ତିନି ଜଣ ମନ୍ତ୍ରୀଙ୍କୁ ନିଲମ୍ବିତ କରାଯାଇଛି।



ଏହା ପୂର୍ବରୁ ମାଳଦ୍ୱୀପର ଯୁବ ବ୍ୟାପାର ମନ୍ତ୍ରୀ ମରିୟମ ସିଉନା ଏକ୍ସରେ ଲେଖିଥିଲେ ଯେ ମୋଦି ହେଉଛନ୍ତି ଜଣେ ଜୋକର ଓ ଇସ୍ରାଏଲର ଗୋଡ଼ାଣିଆ । ପୁଣି ଭାରତୀୟ ହୋଟେଲ ଗୁଡ଼ିକରୁ (ପୃଷ୍ଠା ୭ରେ)

# ସଂସଦ ରତ୍ନ ପୁରସ୍କାରରେ ସମ୍ମାନୀତ ହେବେ ୫ ସାଂସଦ

ନୂଆଦିଲ୍ଲୀ, ୭।୧

ବିଜେପିର ସୁକାନ୍ତ ମଜୁମଦାର ଓ ଶିବସେନା'ର ଶ୍ରୀକାନ୍ତ ଏକନାଥ ସିନ୍ଦେଙ୍କ ସମେତ ମୋଟ ୫ ଜଣ ଲୋକସଭା ସଦସ୍ୟଙ୍କୁ ଚଳିତବର୍ଷର ସଂସଦ ରତ୍ନ ପୁରସ୍କାର ନିମନ୍ତେ ଚୟନ କରାଯାଇଛି । ରବିବାର ମନୋନୀତ ସାଂସଦଙ୍କ ନାମ ଘୋଷଣା ହୋଇଛି । ଏଥିରେ ବିଜେପିର ସୁଧୀର ଗୁପ୍ତା, ଏନସିପିର ଅମୋଲ ରାମସିଂହ କୋଲହେ ଓ କଂଗ୍ରେସର କୁଲଦୀପ ରାୟ ଶର୍ମାଙ୍କୁ ଏହି ପୁରସ୍କାର ନିମନ୍ତେ ଚୟନ କରାଯାଇଛି । ମନୋନୀତ ସାଂସଦଙ୍କୁ ଫେବୃଆରୀ ୧୭ (ପୃଷ୍ଠା ୭ରେ)



## ଲକ୍ଷ୍ୟ ହାସଲ ନହେବା ଯାଏଁ

# ଗାଜାରେ ଚାଲିବ ଯୁଦ୍ଧ: ନେତାନ୍ୟାହୁ

ନୂଆଦିଲ୍ଲୀ, ୭।୧

୩ ମାସରେ ପହଞ୍ଚିଛି ଇସ୍ରାଏଲ–ହମାସ ଯୁଦ୍ଧ। ଏହାରି ଭିତରେ ଚିନ୍ତା ବଢାଇଛି ନେତାନ୍ୟାହୁଙ୍କ ବୟାନ। ଇସ୍ରାଏଲ ସମସ୍ତ ଲକ୍ଷ୍ୟ ହାସଲ ନକରିବା ପର୍ଯ୍ୟନ୍ତ ଗାଜାରେ ଶେଷ ହେବନି ଯୁଦ୍ଧ। ନେତାନ୍ୟାହୁ କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ଇସ୍ରାଏଲର ବନ୍ଧକମାନଙ୍କୁ ଫେରାଇ ଆଣିବା ଏବଂ ହମାସକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା।

ସେ ଏକ ବିବୃତ୍ତିରେ କହିଛନ୍ତି ଯେ ୩ ମାସ ପୂର୍ବେ ହମାସ ଆମ ବିରୋଧରେ ଭୟଙ୍କର ନରସଂହାର କରିଥିଲା। ଏହା ପରେ ମୋ ସରକାର ହମାସକୁ (ପୃଷ୍ଠା ୭ରେ)

## ଏକାଳ ସକାଳ



ଚନ୍ଦ୍ର ପରେ ଏବେ ସୂର୍ଯ୍ୟ
ସଫଳତା ଗୋଟେ ପରେ ଗୋଟେ
ଇସ୍ରୋର କାରନାମା ଦେଖି
ମନ ଖୁସି ହେଲା ପେଟେ
ହେଲେ ରହିଯିବା ନାହିଁ ମୋଟେ
ସଂସାର ଦେଖିବ ଭାରତର ଶକ୍ତି
ଏ ବିଜ୍ଞାନ ଦୁନିଆ ହାତେ ।

# ଓଡ଼ିଶାରେ କଳା ସଂସ୍କୃତିର ପୁନର୍ଜାଗରଣ



ମନ୍ମଥ କୁମାର ଶତପଥୀ
ଲୋକ ସଂସ୍କୃତି ଗବେଷକ

ପ୍ରାଚୀନ ସଂସ୍କୃତି ଓ ପରମ୍ପରାରେ ପରିପୂର୍ଣ୍ଣ ଭାରତ ବର୍ଷ ନିଜର କଳା ସାହିତ୍ୟ ସଙ୍ଗୀତ, ନୃତ୍ୟ, ଲୋକକଳା ପାଇଁ ବିଶ୍ୱ ପ୍ରସିଦ୍ଧ । ସେହିପରି ଭାରତ ବର୍ଷର ଦକ୍ଷିଣ ଓ ଉତ୍ତର ଭାଗରେ ପ୍ରବଶ ପଥରୂପେ ପରିଚିତ ଜଗନ୍ନାଥଙ୍କ ପାବନ ଭୂମି ଓଡ଼ିଶା ପ୍ରଦେଶ, ନିଜର ସ୍ଥାପତ୍ୟ କଳା ନୃତ୍ୟ, ସଙ୍ଗୀତ, ଲୋକକଳା, ବାଲୁକା କଳା, ହସ୍ତଶିଳ୍ପ ଓ ବିଶାଳ ସାମୁଦ୍ରିକ ବେଳାଭୂମି ପାଇଁ ବିଶ୍ୱରେ ସର୍ବତ୍ର ପରିଚିତ । ବିଭିନ୍ନତା ମଧ୍ୟରେ ଏକତା ଓଡ଼ିଆ ଜାତିର ମୂଳମନ୍ତ୍ର । ଯୁଗ ଯୁଗ ଧରି ଆର୍ଯ୍ୟ ଓ ଅନାର୍ଯ୍ୟମାନଙ୍କର ଏହି ପବିତ୍ର ଭୂମି ଓଡ଼ିଶା ପ୍ରଦେଶକୁ କୌଣସି ଧର୍ମ ଓ ପରମ୍ପରା ଦୀର୍ଘ ଦିନ ପାଇଁ ବାନ୍ଧି ରଖି ପାରିନଥିଲା । ସମ୍ରାଟ ଅଶୋକଙ୍କଠାରୁ ମୁସଲମାନମାନଙ୍କ ଶାସନ ମଧ୍ୟରେ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀଠାରୁ ୧୫ ଶହ ଶତାବ୍ଦୀ ମଧ୍ୟରେ ଓଡ଼ିଶାର ସାଂସ୍କୃତିକ ଜୀବନ କ୍ଷତି ବିକ୍ଷତ ହୋଇ ସୁଦ୍ଧା ଓଡ଼ିଆ ଜାତି ନିଜର କଳା ସଂସ୍କୃତି ବଞ୍ଚାଇ ରଖିଛି । ଗଭୀର ଭାବେ ଅନୁଧ୍ୟାନ କଲେ ଆଜିବି ପ୍ରାଚୀନ କଳିଙ୍ଗ, ଉତ୍କଳ ଓ କୋଶଳ ରାଜ୍ୟର ସଂସ୍କୃତି ଓ ସଭ୍ୟତାର ଚିହ୍ନ ଆମର ପରିବେଷିତ ନୃତ୍ୟ ଗୀତ ଓ ଲୋକଶୈଳୀ ଗୁଡିକରେ ଦେଖିବାକୁ ମିଳେ ।

ଦୀର୍ଘ ତିନିଶହ ବର୍ଷର ମୁକ୍ତି ସଂଗ୍ରାମ ପରେ ଆମ ରାଜ୍ୟ ଇଂରେଜ ମାନଙ୍କ ଶାସନ କବଳରୁ ମୁକ୍ତି ଲାଭ କରି ଭାଷା ଭିତ୍ତିରେ ଓଡ଼ିଶା ପ୍ରଦେଶ ୧୯୩୬ରେ ଗଠିତ ହୋଇଥିଲା ।



ଦୀର୍ଘ ଦିନର ସଂଗ୍ରାମ ପରେ ଓଡ଼ିଶା ପ୍ରଦେଶ ଗଠନ ଓ ଦେଶ ସ୍ୱାଧୀନ ହେଲା ସତ, ହେଲେ ସ୍ୱାଧୀନ ସରକାରଙ୍କ ଜମିଦାରୀ ଉଚ୍ଛେଦ ଆଇନ ପରେ ପରେ ରାଜାନୁଗ୍ରହ ପାଇ ଆସୁଥିବା ଆମର ପାରମ୍ପାରିକ ନୃତ୍ୟ, ସଙ୍ଗୀତ, ସ୍ଥାପତ୍ୟ, ଲୋକକଳା ଗୁଡିକ କ୍ରମଶଃ ନିଷ୍ପ୍ରଭ ହୋଇ ମରିହଜି ଯିବାକୁ ବସିଲା । ସ୍ୱାଧୀନ ଓଡ଼ିଶାର ମୁଖ୍ୟାଧିଶମାନେ ଏହି ଦିଗ ପ୍ରତି ବିଶେଷ ଗୁରୁତ୍ୱ ନଦେବା ଫଳରେ ଅନେକ ଶିଳ୍ପୀ ନିଜକୁ ବଞ୍ଚାଇବା ପାଇଁ ନୃତ୍ୟସଙ୍ଗୀତ ବୃତ୍ତିକୁ ଛାଡି, ଅନ୍ୟ ବାଟ ଖୋଜିବାକୁ ବାଧ ହେଲେ । ପରିଣାମରେ ବହୁ ଲୋକଶୈଳୀ ସବୁଦିନ ପାଇଁ ଲୋପପାଇଯିବାକୁ ବସିଥିଲା । ଯାହା କିଛି ଶୈଳୀ ଗ୍ରାମାଞ୍ଚଳ ଲୋକଙ୍କ ସାହାଯ୍ୟ ସହଯୋଗରେ ବଞ୍ଚି ରହିଥିଲା । ସେମାନଙ୍କ ସଂଖ୍ୟା ଥିଲା ନଗନ୍ୟ ।

**ସ୍ୱାଧୀନତାର ଅର୍ଦ୍ଧଶତାବ୍ଦୀ ପରେ, ଓଡ଼ିଶାର ଦିଗ୍‌ବଳୟରେ ଆବିର୍ଭାବ ହେଲେ ଆଜିର ଲୋକପ୍ରିୟ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସେ ଥିଲେ ଜଣେ ନୀରବ ସାଧକ । ବୁଭୁକ୍ଷୁ, ଅର୍ଦ୍ଧବୁଭୁକ୍ଷୁ ଲୋକ କଳାକାରମାନଙ୍କ ଗଭୀର ମର୍ମବେଦନାକୁ ଅନୁଭବ କରି, ସେ ଆରମ୍ଭ କଲେ ଏକ ଯୁଗାନ୍ତକାରୀ ଯୋଜନା ବିକାଶ (ବ୍ଲକ କଳା ସଂସ୍କୃତି ସଂଘ) । ପ୍ରଥମେ କଳାକାରମାନଙ୍କୁ ସନ୍ଧାନ କରି** (ପୃଷ୍ଠା ୭ରେ)



# ଧର୍ମଶାଳାରେ ୪୨ କୋଟି ୯୩ ଲକ୍ଷ ଟଙ୍କାର ୭ ପ୍ରକଳ୍ପର ଶିଳାନ୍ୟାସ

**ଧର୍ମଶାଳା, ନ୍ୟୁଜ ବ୍ୟୁରୋ**

ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କ୍ଷେତ୍ରପାଳ ଠାରୁ ଏକ୍ସପ୍ରେସ ହାଇୱେ ଭାୟା ଶ୍ରୀରାମପୁର ଏବଂ ବ୍ରହ୍ମପୁର ୩ କୋଟି ୫୩ ଲକ୍ଷ, ନରସିଂହପୁର ଭାୟା- ପିପଳିଡିହ ଏବଂ କଣ୍ଟିଗଡିଆ ୭ କୋଟି ୮୧ ଲକ୍ଷ, ରମାପୁର ଠାରୁ ପଟିଲୋ ଭାୟା- ଭଗବାନପୁର ଘେରିବନ୍ଧ, ସାନରାଏପଡା ଏବଂ ଅଲାରପୁର ୭କୋଟି ୧୧ ଲକ୍ଷ, ଅଚ୍ୟୁତପୁର ଠାରୁ ବଡବାରିସାହି ୧୨କୋଟି ୧ଲକ୍ଷ, ସୁନାରୀ ଠାରୁ ସେଣ୍ଠପୁର ଭାୟା- ଚକ୍ରୋଡା ୪କୋଟି ୬୩ ଲକ୍ଷ, ଜିଓ ଅଫିସ ଘେରମୁହାଁ ୧ କୋଟି ୪୩ ଲକ୍ଷ, ବରକୋଳିପାଟଣା ଜଉ ରୋଡଠାରୁ ନଠୁଆବର ଭାୟା- କାଣ୍ଡସରା, କୋରକୋରା ଛକ, କୃଷ୍ଣପଡା, କପାଳି ଏବଂ ସବର ସାହି ୬କୋଟି ୪୧ ଲକ୍ଷ ଟଙ୍କାର ଏହି ୭ଟି ପ୍ରକଳ୍ପକୁ ଶିଳାନ୍ୟାସ କରିଥିଲେ ବିଧାୟକ ପଣବ କୁମାର ବଳବନ୍ତରାୟ । ଅନ୍ୟମାନଙ୍କ ମଧ୍ୟରେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ ରାଉତ ଓ ସମସ୍ତ ଜୋନର ଜିଲ୍ଲାପରିଷଦ, ସରପଞ୍ଚ, ସମିତିସଭ୍ୟ/ସଭ୍ୟା ମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ନିର୍ବାହୀ ଯନ୍ତ୍ରୀ ଅବିନାସ ବାରିକ ଓ ସହକାରୀ ଯନ୍ତ୍ରୀ ଜଳନ୍ଧର ବେହେରା, କନିଷ୍ଠ ଯନ୍ତ୍ରୀ ସୟ ଲେଙ୍କା, ଭିମସେନ ମହାରଣା । ଧର୍ମଶାଳା ପ୍ରଗତିର ପ୍ରୟୋଗ ଶାଳା, ଏହା ଖାଲି କଥାରେ ନୁହେଁ କାମରେ କରାଯାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।



# ବିଜ୍ଞାନ ଜୀବନର ପ୍ରମୁଖ ଆଧାର ହେଉ : ମନ୍ତ୍ରୀ




**ବାରିପଦା, ନ୍ୟୁଜ ବ୍ୟୁରୋ**

ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ବାରିପଦାଠାରେ ବର୍ଷ ୨୦୨୩-୨୪ର "ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ" ଉଦ୍ଘାଟିତ ହୋଇ ଯାଇଛି । ଏଥିରେ ୩୦ଟି ଜିଲ୍ଲାର ୧୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ମନ୍ତ୍ରୀ ସୁଦାମ ମାର୍ଣ୍ଡି ମହୋଦୟ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍ଘାଟନ କରିଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଆଶ୍ୱତୀ ଏସ୍, ଭା.ପ୍ର.ସେ, ସମ୍ମାନିତ ଅତିଥି ଭାବରେ ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ଜିଲ୍ଲାପାଳ ବିନୀତ ଭରଦ୍ୱାଜ (ଭା.ପ୍ର.ସେ.), ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଭା.ପ୍ର.ସେ, ପ୍ରମୁଖ ଯୋଗଦାନ କରିଥିଲେ । ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶାର ନିର୍ଦ୍ଦେଶକ ମନୋଜ କୁମାର ପାଢୀ ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସମସ୍ତ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ଅତିଥି ବୃନ୍ଦ ପ୍ରଦୀପ ପ୍ରଜ୍ୱଳନ କରି ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀକୁ ଉଦ୍ଘାଟନ କରିଥିଲେ । ମହାରାଣୀ ପ୍ରେମ୍ କୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରି ଅତିଥିଙ୍କୁ ସ୍ୱାଗତ କରିଥିଲେ । ପ୍ରଦର୍ଶିତ ହୋଇଥିବା ବାଲ୍ ବୈଜ୍ଞାନିକ ପ୍ରକଳ୍ପଗୁଡିକ ଉଚ୍ଚକୋଟିର ପ୍ରଦର୍ଶନ କରିବା ପାଇଁ ଏବଂ ଏଠାରୁ କୃତିତ୍ୱ ଲାଭ କରିବାକୁ ଥିବା ୫ଗୋଟି ପ୍ରକଳ୍ପ ଯେପରି ଚଳିତ ଜାନୁଆରୀ ୯ରୁ ୧୨ ପର୍ଯ୍ୟନ୍ତ କଲିକତା ଠାରେ ଆୟୋଜନ ହେବାକୁ ଥିବା ପୂର୍ବାଞ୍ଚଳ ଜୋନ୍ ସ୍ତରୀୟ ପ୍ରଦର୍ଶନୀରେ କୃତକାର୍ଯ୍ୟ ଲାଭ କରି ଜାତୀୟ ସ୍ତରରେ ଓଡ଼ିଶାକୁ ଗୌରବାନ୍ୱିତ କରିବେ ବୋଲି ସମସ୍ତ ଅତିଥି କୁନି ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିଥିଲେ ।

# ବି.ଏସ୍.କେ.ୱାଇ ନବୀନ କାର୍ଡ ସ୍ୱାସ୍ଥ୍ୟ ରଥ ଉଦ୍‌ଘାଟିତ



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ଜିଲ୍ଲାସ୍ତରୀୟ ବି.ଏସ୍.କେ.ୱାଇ ନବୀନ କାର୍ଡ ସ୍ୱାସ୍ଥ୍ୟ ରଥ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଏହାକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ରେସନ କାର୍ଡ ଅନ୍ତର୍ଭୁକ୍ତ ପରିବାରମାନଙ୍କ ନିମନ୍ତେ ଏହି କାର୍ଡ ଉପଲବ୍ଧ । ଗ୍ରାମାଞ୍ଚଳର ଯେଉଁ ବ୍ୟକ୍ତିବିଶେଷମାନେ ଏହି କାର୍ଡରୁ ବଞ୍ଚିତ ହୋଇଛନ୍ତି ସେମାନେ ବି.ଏସ୍.କେ.ୱାଇ ନବୀନ କାର୍ଡର ସୁବିଧା ପାଇପାରିବେ । ଏହା ଚଳିତ ମାସ ୬ ତାରିଖରୁ ୧୬ ତାରିଖ ଯାଏଁ ଅନଲାଇନ୍ ମାଧ୍ୟମରେ ଜନସେବା କେନ୍ଦ୍ର ମାନଙ୍କରେ ଆବେଦନ କରାଯାଇପାରିବ । କ୍ରିଟିକାଲ ଚିକିତ୍ସା ଯଥା ହୃଦରୋଗ, ଯକୃତ, ମସ୍ତିଷ୍କାଘାତ, ସ୍ନାୟୁ, ମାଂସପେଶୀ, କର୍କଟ ରୋଗ ଆଦି ଜଟିଳ ରୋଗ ଗୁଡିକର ଦେୟମୁକ୍ତ ଚିକିତ୍ସା ବିଭିନ୍ନ ବର୍ଗର ବ୍ୟକ୍ତିମାନେ ଏହି ସୁବିଧା ପାଇପାରିବେ ବୋଲି ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ଅନୀତା ପଟ୍ଟନାୟକ ସୂଚନା ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପୀତାମ୍ବର ସାମଲ, ଡକ୍ଟର ସଚ୍ଚିଦାନନ୍ଦ ମିଶ୍ର, ଡଃ ନୃପେନ ଶତପଥି, ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପ୍ରଶାସନିକ ଅଧିକାରୀ ଅଞ୍ଜଳୀ ତରାଇ, ବିଭାଗୀୟ ଅଧିକାରୀ ଶାନ୍ତିଲତା ଚାନ୍ଦ, ଡିପିଏମ୍ ଗୀତାଞ୍ଜଳି ଦାଶ, ଡିସି ଆଶୀଷ ପଣ୍ଡା ପ୍ରମୁଖଙ୍କ ସହ ସ୍ୱାସ୍ଥ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଠାରେ ସୂଚନାଯୋଗ୍ୟକି ବି.ଏସ୍.କେ.ୱାଇ ନବୀନ କାର୍ଡ ମାଧ୍ୟମରେ ଏହି ସୁବିଧା ୨୦୨୪ ମସିହା ମଇ ମାସ ୧ ତାରିଖ ଠାରୁ ପ୍ରାପ୍ତ ହେବ । ଏହି ସଚେତନତା ରଥ ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରାଞ୍ଚଳ ବୁଲି ଲୋକଙ୍କୁ କାର୍ଡର ସୁବିଧା ବିଷୟରେ ସଚେତନତା କରାଇବ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି ।

# ସଡ଼କ ସୁରକ୍ଷା ସପ୍ତାହ : ଜୀବନ ବଞ୍ଚିବା କୌଶଳ ଶିଖାଇଲା

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ଆଞ୍ଚଳିକ ପରିବହନ ପ୍ରାଧିକରଣ ସୁବର୍ଣ୍ଣପୁରଙ୍କ ଆନୁକୂଲ୍ୟରେ ଏବଂ ଜୁନିଅର ରେଡକ୍ରସ ୟୁନିଟର ସହଯୋଗ କ୍ରମେ ସୋନପୁର ବସଷ୍ଟାଣ୍ଡ ଠାରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଜୀବନ ବଞ୍ଚିବା କୌଶଳ ତଥା ରକ୍ଷକ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ମୋଟର ଯାନ ନିରୀକ୍ଷକ ବିଶ୍ୱରଞ୍ଜନ ସାହୁଙ୍କ ନିର୍ଦ୍ଦେଶନାରେ ସୋନପୁର ବସଷ୍ଟାଣ୍ଡ ଠାରେ ଅଟୋ ଚାଳକ, କାର ଚାଳକ, ବସ ଚାଳକ, ବିଭିନ୍ନ ଦୋକାନୀ, ଏବଂ ବସ ଯାତ୍ରୀ ମାନଙ୍କୁ ସଡ଼କ ଦୁର୍ଘଟଣାର ପ୍ରଥମ ପ୍ରତିକ୍ରିୟାଶୀଳ ବ୍ୟକ୍ତି ହେବାପାଇଁ ତାଲିମ ପ୍ରଦାନ କରାଯାଇ ଥିଲା । ସୋଲାସିୟମ ଫଣ୍ଡ, ଗୁଡ୍ ସମରିଟାନ ନିୟମ, ଆହତ ବ୍ୟକ୍ତିଙ୍କୁ ବୋହିବା ପ୍ରଣାଳୀ, ଜରୁରୀ ଫୋନ ନମ୍ବର ୧୧୨, ବ୍ୟାଣ୍ଡେଜ, ରାସ୍ତାର ସଙ୍କେତ, ମୂର୍ଚ୍ଛା ହୋଇଯାଇଥିଲେ ଚେତା ଫେରି ପାଇବା ପ୍ରଣାଳୀ, ଫେଷ୍ଟିଙ୍ଗ, ଚେକିଙ୍ଗ, ରକ୍ତସ୍ରାବ ବନ୍ଦ କରିବା ପ୍ରଣାଳୀ, ଆରମ ଦାୟକ ଅବସ୍ଥା, ହୃତପିଣ୍ଡ ଓ ଫୁସ୍‌ଫୁସକୁ ପୁନଃ ଚାଳନ କରିବା ପାଇଁ ସିପିଆର ପ୍ରଦାନ ପ୍ରଭୃତି ଶିକ୍ଷା ଦିଆଯାଇଥିଲା । ଏହି ତାଲିମ କାର୍ଯ୍ୟକ୍ରମକୁ ସୋନପୁରର ଜୁନିଅର ରେଡକ୍ରସ ଅଫିସର ତଥା ମାୟାବର୍ହା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିଚନ୍ଦ୍ର ପଶାୟତ ସଂଯୋଜନା କରିଥିବା ବେଳେ ଜୁନିଅର ରେଡକ୍ରସ ପରାମର୍ଶ ଦାତା ତଥା ରକ୍ଷକର ମାଷ୍ଟର ଟ୍ରେନର ସୁବଳୟା ଉଚ୍ଚ ବିଦ୍ୟାଳୟର ଚନ୍ଦ୍ରମଣୀ ବାଘ, ଖରଜୁରା ଉଚ୍ଚ ବିଦ୍ୟାଳୟର ଚନ୍ଦ୍ର ଶେଖର ମହାପାତ୍ର, ପ୍ରତାପପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗୋପେଶ ପଣ୍ଡା ଓ ପଣକିଟାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତପସ୍ୱିନୀ ଦାଶ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଘରୋଇ ବସ ମାଲିକ ସଂଘର ସଭାପତି ପୁରୁଶୋତ୍ତମ ପାଣିଗ୍ରାହୀ ସହ ଯୋଗାଯୋଗ କରିଥିବା ବେଳେ ଡାଟା ଏଣ୍ଟ୍ରି ଅପରେଟର ଚିତ୍ତରଞ୍ଜନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।



# ସାନ୍ଧ୍ୟ ମହା ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**


କେନ୍ଦ୍ରାପଡା ସାନ୍ଧ୍ୟ ମହା ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ପୌରାଧ୍ୟକ୍ଷା ଶ୍ରୀମତୀ ସରିତା ସାହୁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ବିଡିଓ ଦାଶରଥୀ ଜେନା, ନୋଡାଲ ଅଧିକାରୀ ପ୍ରଫେସର ପ୍ରମୋଦ କୁମାର ବେହେରା, କଲେଜ ଅଧ୍ୟକ୍ଷା ଆଦ୍ୟାଶ୍ରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଦୀର୍ଘ ଏକ ମାସ ଧରି ଚାଲିଥିବା ବିଭିନ୍ନ କ୍ରୀଡାରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନେ ପୁରସ୍କୃତ କରିଥିଲେ । ଏଥି ସହିତ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ନୋଡାଲ ଅଫିସର ଶିଶିରକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ରୀଡା ଉପ ସଭାପତି ରୁକ୍ମଣୀ ସାହୁ, ଡ଼ଃ ମନୋରଂଜନ ରାଉତ ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ । କଲେଜ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସଭା ଶେଷରେ ଅଧ୍ୟାପକ ମୃତ୍ୟୁଞ୍ଜୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଳିକା ମାନଙ୍କୁ ଉତ୍ତମ ମାର୍ଗ ନିମନ୍ତେ ବେଟି ବଚାଓ, ବେଟି ପଢ଼ାଓ ପରାମର୍ଶ ସେବା କାର୍ଯ୍ୟକ୍ରମ

**ଭଦ୍ରକ, ନ୍ୟୁଜ ବ୍ୟୁରୋ**




ବାଳିକାମାନଙ୍କୁ ଶିକ୍ଷାସହ ବିଭିନ୍ନ କ୍ଷେତ୍ରରେ ଅଗ୍ରସର ନିମନ୍ତେ କନ୍ୟା ବଂଚନ୍ତୁ, କନ୍ୟାକୁ ପଢ଼ାନ୍ତୁ ଯୋଜନାରେ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ପରାମର୍ଶ ସେବା ପାଇଁ "କଲେକ୍ଟର କି କ୍ଲାସ" ଶୀର୍ଷକ ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଭଦ୍ରକ ମହିଳା ମହାବିଦ୍ୟାଳୟ ସଭାଗୃହ ପରିସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁପ୍ରୀତିକରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ତଥା ଛାତ୍ରୀଙ୍କ ପରାମର୍ଶ ଦାତା ସୌଦାମିନୀ ରାଉତ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀଙ୍କ ସମେତ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ, ଜିଲ୍ଲା କର୍ମ ନିୟୋଜନ ଅଧିକାରିଣୀ ଅନିତା ନାୟକ, ବିଷୟବିଷାରଦ ରୂପେ ଯୁବ ପେଶାଦାର ଭିନିତ ଶେଖର ପ୍ରମୂଖ ଯୋଗଦାନ କରିଥିଲେ । ଅଧ୍ୟାପିକା ଅନୀତା ଦଳେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅଧ୍ୟାପିକା ଶୁଭଶ୍ରୀ ବେହେରାଙ୍କ ସମେତ ଅନ୍ୟାନ୍ୟ ମହାବିଦ୍ୟାଳୟ କର୍ମଚାରୀ ଯୋଗଦାନ କରିଥିଲେ । ଉପସ୍ଥିତ ଦୁଇଶହରୁ ଉର୍ଦ୍ଧ୍ୱ ବାଳିକା ମାନଙ୍କ ମଧ୍ୟରେ ସେମାନଙ୍କର ରୁଚି, ଶିକ୍ଷା, ଆଗ୍ରହଥିବା କାର୍ଯ୍ୟ ଉପରେ ଆଲୋକପାତ କରାଯାଇଥିଲା । ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ, ଆତ୍ମନିର୍ଭରଶୀଳ ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା ହୋଇଥିଲା । ସେହିପରି ଅସୁରାଳି ମହିଳା ମହାବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ଅଧ୍ୟକ୍ଷ ସଂଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀ, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ସମେତ ବିଷୟ ବିଷାରଦ ଭିନିତ୍ ଶେଖର ଯୋଗଦାନ କରି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ, ବାଳିକାମାନଙ୍କୁ ଶିକ୍ଷା ସହ ଉତ୍ତମ ମାର୍ଗ ନିମନ୍ତେ ସଠିକ୍ ପରାମର୍ଶ ସେବା ଏବଂ ସରକାରୀ ସ୍ତରରେ ଥିବା ବହୁ ସୁବିଧା ସୁଯୋଗ ସମ୍ବନ୍ଧରେ ଦୃଷ୍ଟାନ୍ତମୂଳକ ଉଦାହରଣ ପ୍ରତିପାଦନ କରିଥିଲେ । ବାଳିକା ମାନଙ୍କୁ ବିଭିନ୍ନ କ୍ଷେତ୍ର ଯଥା ସଂଗୀତ, ଚିତ୍ରାଙ୍କନ, ନୃତ୍ୟ ଉତ୍ତମଶିକ୍ଷା କ୍ଷେତ୍ରରେ ଦକ୍ଷତା ହାସଲ କରିବାକୁ ହେଲେ ଏକନିଷ୍ଠ ହୋଇ ସେଥିରେ ରୁଚି ରଖିବାକୁ ପଡ଼ିବ । ସେଥିପାଇଁ ସମସ୍ତ ସହଯୋଗ ଯୋଗାଇ ଦେବାପାଇଁ ପ୍ରେରଣା ଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟାପିକା ଡା. କାମିନି ବାଳା ମିଶ୍ର, ହୃଷିକେଶ ରାଉତ, ଗାୟତ୍ରୀ ବିଶ୍ୱାଳ, ମାନିନି ରାୟ, ରାମାନୁଜମ ପତି ପ୍ରମୂଖ ଯୋଗଦାନ ଦେଇ କାର୍ଯ୍ୟକ୍ରମ ସମ୍ବନ୍ଧରେ ମତ ରଖିଥିଲେ । କଳାର ଛାତ୍ରୀ ସନ୍ତୋଷିନୀ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ବିପଦ ସଙ୍କୁଳ ଗୃହରେ ଚାଲିଛି ପାଠପଢ଼ା

**ସାନଖେମୁଣ୍ଡି, ନ୍ୟୁଜ ବ୍ୟୁରୋ**

ସରକାରୀ ପାଟପୁର ଉଚ୍ଚ ବିଦ୍ୟାଳୟରେ ଶୋଚନୀୟ ଅବସ୍ଥା । ପୂର୍ବରୁ ପାଟପୁର ବାଳିକା ଉଚ୍ଚ ବିଦ୍ୟାଳୟ ନାମରେ ଥିଲା । ୨୦୧୬ ମସିହାରେ ସରକାରୀ ପାଟପୁର ଉଚ୍ଚ ବିଦ୍ୟାଳୟ ନାବରେ ନାମିତ ହୋଇ ବାଳିକା ପ୍ରାଥମିକ ବିଦ୍ୟାଳୟ, ନୋଡ଼ାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ହୋଇଥିଲା । ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀର ୭ଶହ ଛାତ୍ରଛାତ୍ରୀ ଅଛନ୍ତି । ପ୍ରଧାନଶିକ୍ଷକଙ୍କୁ ମିଶାଇ ୧୭ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି । ବର୍ତ୍ତମାନ ହିନ୍ଦୀ ଶିକ୍ଷକ, କିରାଣୀ ପଦବୀ ଖାଲି ପଡ଼ିଛି । ବିଦ୍ୟାଳୟ ରୂପାନ୍ତରଣ ପଦକ୍ଷେପ ଯୋଗ୍ୟ । ଗଞ୍ଜାମ ଜିଲ୍ଲାର ଅଧିକାଂଶ ହାଇସ୍କୁଲ ରୂପାନ୍ତରୀକରଣ ହୋଇଛି । ତଥାପି ଅନେକ ବିଦ୍ୟାଳୟ ଅବ୍ୟବସ୍ଥା ଘେରରେ ରହିଥିବାରୁ ଅଭିଭାବକମାନେ ଅସନ୍ତୋଷ ହୋଇଛନ୍ତି । ବିପଦସଙ୍କୁଳ ଗୃହରେ ଚାଲିଛି ପାଠପଢ଼ା । ଆବଶ୍ୟକୀୟ ଶ୍ରେଣୀକକ୍ଷ ନାହିଁ । ବିଦ୍ୟାଳୟ ଗୃହଗୁଡ଼ିକର ଅବସ୍ଥା କହିଲେ ନ ସରେ । ଛାତ ଫାଟି ଆଁ ହେଲାଣି । ପଲସ୍ତରା ଖସି ଲୁହାରଡ୍ ଦେଖାଗଲାଣି । ଶିକ୍ଷା ବିଭାଗ ସେ ଗୃହଗୁଡ଼ିକୁ ବ୍ୟବହାର ଯୋଗ୍ୟ ନୁହେଁ ବୋଲି ଚିହ୍ନଟ କରିଛି । ତଥାପି ଗୋଟିଏ ଗୃହରେ ତିନି ଚାରୋଟି ଶ୍ରେଣୀର ପାଠ ପଢ଼ା ହେଉଛି । ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପିଲାମାନଙ୍କ ମଧ୍ୟରୁ ପ୍ରଥମରୁ ସପ୍ତମ ଯାଏଁ ପିଲାମାନେ ଚଟାଣରେ ବସି ପଢୁଛନ୍ତି। ସେମାନଙ୍କ ପାଇଁ ଚେୟାର ଟେବୁଲ୍ ନାହିଁ । ଶୌଚାଳୟ, ରୋଷେଇ ଘର ମଧ୍ୟ ନାହିଁ । ବର୍ଷା ଦିନ କଥା ନ କହିବା ଭଲ । ଛାତରୁ ପାଣି ଗଳୁଛି । ବିଦ୍ୟାଳୟ ପରିସର ସମେତ ବିଭିନ୍ନ ଗୃହରେ ଆଣ୍ଠୁଏ ପାଣି ଜମୁଥିବା ଦେଖିବାକୁ ମିଳିଛି । ସରକାରୀ ପାଟପୁର ଉଚ୍ଚ ବିଦ୍ୟାଳୟ ଠାରୁ ୨୦୦ମିଟର ଦୂରରେ ସେହି ଦୁଇ ବିଦ୍ୟାଳୟ । ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦୀନବନ୍ଧୁ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ସମସ୍ୟା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷ ଓ ବିଡ଼ିଓଙ୍କୁ ଜଣାନ୍ତୁ । ଖୁବ୍ ଶୀଘ୍ର ସମସ୍ୟା ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ବାଇକ୍ ଦୁର୍ଘଟଣାରେ ଖେଳ ଶିକ୍ଷକଙ୍କ ମୃତ୍ୟୁ

**ବାଲିଗୁଡା, ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ସୁଡ୍ରା ନିକଟସ୍ଥ ପତଡ଼ ଘାଟରେ ଏକ ମୋଟର ସାଇକେଲ ଦୁର୍ଘଟଣା ଘଟିଛି । ମୃତକ ଲୁବେନଗଡ଼ ସରକାରୀ ବିଦ୍ୟାଳୟର ଖେଳ ଶିକ୍ଷକ ବିଭୁତି ପ୍ରଧାନ ହୋଇଥିବା ଜଣାପଡ଼ିଛି । ସୂଚନା ପ୍ରକାରେ ଶିକ୍ଷକ ଜଣକ ଶୁକ୍ରବାର ରାତିରେ ସୁଡ୍ରାରୁ ଟିକରବାଜୁ ରାସ୍ତା ଦେଇ ଲୁବେନଗଡ଼ ଯାଉଥିବା ବେଳେ ସୁଡ୍ରା ନିକଟସ୍ଥ ପତଡ଼ ଘାଟରେ ଭାରସାମ୍ୟ ହରାଇ ମୋଟର ସାଇକେଲ ରାସ୍ତା କଡ଼ ଖାଲକୁ ଖସି ପଡ଼ିଥିଲା । ଫଳରେ ସେ ଗୁରୁତର ଆହାତ ହୋଇ ସେଠାରେ ପଡ଼ି ରହିଥିବା ବିଷୟ ଶନିବାର ସକାଳୁ ସେହି ରାସ୍ତା ଦେଇ ଯାତାୟତ କରୁଥିବା ଲୋକେ ଦେଖିବାକୁ ପାଇଥିଲେ । ଘଟଣା ସମ୍ପର୍କରେ ଖବରପାଇ ବାଲିଗୁଡା ପୋଲିସ ଘଟଣା ସ୍ଥଳରେ ପହଁଚିବା ବେଳକୁ ଶିକ୍ଷକଙ୍କ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ । ସେଠାରୁ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ପୋଲିସ୍ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୦୮।୦୧।୨୦୨୪, ପୌଷ ଦି୭ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୦୬।୨୩।୩୩** **ଚନ୍ଦ୍ରୋଦୟ- ଦିଘ୪।୦୬।୦୭**


ଦ୍ୱାଦଶୀ- ରାଘ ୧୧।୫୯ ପର୍ଯ୍ୟନ୍ତ । ଅନୁରାଧା ନକ୍ଷତ୍ର-ରାଘ ୧୦/୦୨ ପର୍ଯ୍ୟନ୍ତ । ବିଚ୍ଛାଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି -** ବୃଷ, ମିଥୁନ, ସିଂହ, କନ୍ୟା, ବିଚ୍ଛା, ଧନୁ, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇସାଗ ରାଘ ୧୧।୫୯ ଗତେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ରାଘ ୬/୨୭ ଗତେ ଘ ୭/୪୮ ମଧ୍ୟେ, ଦିଘ ୬/୨୧ ଗତେ ଘ ୧୧/୩୧ ମଧ୍ୟେ ।




**ମେଷ:** ଅଟକି ରହିଥିବା କାମ ଗୁଡିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ । ଆବଶ୍ୟକତା ଠାରୁ ଅତ୍ୟଧିକ ଆୟ ହେବ । ପରିବାରରେ ଅଯଥା କଳହ ସୃଷ୍ଟି ଓ ପରେ ପଶ୍ଚାତାପର ଆଶଙ୍କା ମଧ୍ୟ ରହିଛି ।



**ବୃଷ:** ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପର ହେବେ । ଆଚାର ବ୍ୟବହାରରେ କିଛିଟା ପରିବର୍ତ୍ତନ ଦେଖାଦେବ । ଅହଂକାର ଦେଖାଦେବ । କାରବାରରେ ଲାଭବାନ ହେବେ । ଆଳସ୍ୟ ପରାୟଣ ହେବେ । ପାରିବାରିକ ଶାନ୍ତି ଲାଭ ହେବ ।



**ମିଥୁନ:** ପାରିବାରିକ ସମସ୍ୟାର ସମାଧାନ ଘଟିବାର ସମ୍ଭାବନା । ଦୂରଯାତ୍ରା କରି ଆନନ୍ଦ ପ୍ରାପ୍ତ ହେବ । ଆହାରେ ତୃପ୍ତି । ରୋଜଗାରରେ ଶିଥିଳତା ବନ୍ଧୁଙ୍କ ସାହାର୍ଯ୍ୟ ସହଯୋଗ ପ୍ରାପ୍ତ ହେବ । ସୁଖ ଓ ସମ୍ମାନ ପ୍ରାପ୍ତ ହେବ ।




**କର୍କଟ:** ଆଳସ୍ୟ ଓ ଅବହେଳା ଯୋଗୁଁ ସମସ୍ତ କାର୍ଯ୍ୟ ହାତରୁ ଚାଲିଯିବ । ଆଗପଛ ବିଚାର କରି କାର୍ଯ୍ୟ କରନ୍ତୁ । ବନ୍ଧୁ ମିଳନ ସହିତ ସୁ-ସମ୍ବାଦ ପ୍ରାପ୍ତିର ସୂଚନା । ଆୟ ବ୍ୟୟ ସମାନ ରହିବ । ପରିବାରରେ ଶାନ୍ତି ପ୍ରତିଷ୍ଠା ।




**ସିଂହ:** ଆତ୍ମୀୟ ସ୍ୱଜନଙ୍କ ପାଇଁ ଚିନ୍ତା ବଢିପାରେ । ଟେନ୍‌ସନ୍ କିଛି ମାତ୍ରାରେ କମିଯିବ । ଶାରୀରିକ ଅସୁସ୍ଥତା କାର୍ଯ୍ୟ ସମ୍ପାଦନ ହେବ । ରୋଜଗାର ମଧ୍ୟମ ହେବ ।



**କନ୍ୟା:** ରୋଜଗାରରେ ବାଧା । କାର୍ଯ୍ୟ କ୍ଷେତ୍ରରେ ପ୍ରତାରିତ ହେବାର ସମ୍ଭାବନା । ପାରିବାରିକ ଶାନ୍ତି ଅନୁଭବ କରିବେ । ଅପରାହ୍ନେ ସୌଜନ୍ୟ ପ୍ରାପ୍ତି, ବନ୍ଧୁମାନେ ସୁବିଧାବାଦୀ ଭଳି କାର୍ଯ୍ୟ କରିବେ ।



**ତୁଳା:** ପରୋପକାରୀ ହେବେ । ସମସ୍ତଙ୍କ ପ୍ରିୟ ପାତ୍ର ହେବେ । ସତ୍‌ସଙ୍ଗରୁ ଆନନ୍ଦ ଅନୁଭବ କରିବେ । ରୋଜଗାର ମଧ୍ୟମ ଧରଣର ହେବ । ଗୃହ କାର୍ଯ୍ୟରେ ବ୍ୟସ୍ତ ରହିବେ । ଶରୀର ସୁସ୍ଥ ରହିବ ।



**ବିଛା:** ମନରେ ଦ୍ୱିଧା ଓ ବିରକ୍ତି ଉପୁଜିବ । ବନ୍ଧୁମାନେ ସହଯୋଗ କରିବେ । ଭ୍ରମଣ ସୁଖ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ବ୍ୟବସାୟ ମଧ୍ୟମ ଧରଣର ହେବ । ଗୃହରେ ଶାନ୍ତି ଲାଭ ।




**ଧନୁ:** ଯାନବାହାନ କ୍ରୟ କରିବେ । କଥାବାର୍ତ୍ତାରେ ସଂଯମତା ରକ୍ଷା ନକଲେ ଅସୁବିଧାରେ ପଡ଼ିପାରନ୍ତି । କର୍ମକ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବାକୁ ସମର୍ଥ ହେବେ । ରୋଜଗାର ସ୍ଥିର ରିହବ । ଗୃହେ ଶାନ୍ତି ବଜାୟ ରହିବ ।



**ମକର:** ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ । ଶତ୍ରୁମାନେ ପରାଜିତ ହେବେ । ଆୟ ବୃଦ୍ଧି ଘଟିବ । ଭାଇ ଭାଇ ମଧ୍ୟରେ ବିବାଦ ଯୋଗୁ ପରିବାରରେ କଳହ ସୃଷ୍ଟି ହେବ । କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ ।



**କୁମ୍ଭ:** କର୍ମକ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବେ । ଚଞ୍ଚଳମନା ହେବେ । ପରିବାରରେ କଳହ । ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିବେ । ତ୍ୟାଗଶୀଳ ହେବେ । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ ।



**ମୀନ:** ଅଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିବେ । ପରିବାରରୁ ସାହାଯ୍ୟ ସହଯୋଗ ମିଳିବ । ଦୁଃସାହସିକ କାର୍ଯ୍ୟ କରି ପ୍ରଶଂସା ଲାଭ ହେବ । ଆୟ ଓ ବ୍ୟୟ ପ୍ରାୟ ସମାନ ରହିବାର ସୂଚନା ।

# ଫାର୍ମାସିଷ୍ଟ ଓ ଆଟେଣ୍ଡାଣ୍ଟ କରୁଛନ୍ତି ରୋଗୀଙ୍କ ଚିକିତ୍ସା

**ଧାମନଗର, ନ୍ୟୁଜ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିନ ସୋହଡ଼ା ପଞ୍ଚାୟତ ବାଲିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି । ୧୯୮୨ ମସିହାରେ ସ୍ଥାପିତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପ୍ରାଏ ୧୬ ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରିଥାନ୍ତି । ଆଖପାଖ ଅଞ୍ଚଳରେ ସ୍ୱାସ୍ଥ୍ୟକେନ୍ଦ୍ର ନଥିବାରୁ ଓପିଡ଼ି ଖାତା ଅନୁସାରେ ପ୍ରତିଦିନ ଶତାଧିକ ରୋଗୀ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଜଣ କର୍ମଚାରୀ, ଆୟୁଷ ଡାକ୍ତର ଓ ଏମ୍ବିବିଏସ ଡାକ୍ତର ରହିଛନ୍ତି । ଆୟୁଷ ଡାକ୍ତର ସଞ୍ଜୟ କୁମାର ହୋଇ ୨ରୁ ୩ଦିନ ମେଡିକାଲରେ ରୋଗୀ ଦେଖୁଥିବା ବେଳେ ପ୍ରତ୍ୟାଶା ଦାସ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁନାହାନ୍ତି କି ରୋଗୀ ଦେଖୁନାହିଁନ୍ତି । ନିଜ ଘରେ ରହି ମାସରେ ଦୁଇରୁ ୩ଥର ମେଡିକାଲ ଆସି ଆଟେଣ୍ଡାନସ କ୍ଲିଅର କରି ଦରମା ନେଉଥିବା ଅଭିଯୋଗ ହୋଇଛି । ଏହି ମେଡିକାଲରେ ଯୋଗଦାନ ଦିନରୁ ଡା. ପ୍ରତ୍ୟାଶା ଏଭଳି ଦରମା ନେଉଥିବା ଅଭିଯୋଗ ହୋଇଛି । ଏଣୁ ଆସୁଥିବା ରୋଗୀମାନଙ୍କୁ ଆଟେଣ୍ଡାନସ ଭାବେ କାର୍ଯ୍ୟ କରୁଥିବା କହ୍ନେଇ ଚରଣ ଜେନା ଓ ଫାର୍ମାସିଷ୍ଟ ପ୍ରତିମା ଜେନା ରୋଗୀମାନଙ୍କର ପ୍ରେସକ୍ରିପ୍ସନ ସହ ଚିକିତ୍ସା କରି ଔଷଧ ପ୍ରଦାନ କରୁଥିବା ଦେଖିବାକୁ ମିଳିଛି । ଅଧିକ ଗୁରୁତ୍ୱରଙ୍କୁ ଅନ୍ୟ ଡାକ୍ତରଖାନା ପଠାଇ ଦେଉଥିବା ଦ୍ୱୟ କର୍ମଚାରୀ କହିଛନ୍ତି । ଅନ୍ୟପକ୍ଷେ ଦିନ ୧୧ଟା ସମୟରେ ସ୍ଥାନୀୟ ଅଞ୍ଚଳର ଅସହାୟ ବୃଦ୍ଧା ବୁଲି ସାହୁ ନିଜର ଭଙ୍ଗା ହାତକୁ ଧରି ଚିକିତ୍ସା ପାଇଁ ଡାକ୍ତରଖାନାରେ ପହଞ୍ଚିଥିଲେ ହେଁ ଡାକ୍ତର ନଥିବାରୁ ଚିକିତ୍ସା ନପାଇଁ ଫେରିଯାଇଥିଲେ । ପ୍ରତ୍ୟକ ଦିନ ଏହିଭଳି ବହୁ ସଂଖ୍ୟକ ରୋଗୀ ଚିକିତ୍ସା ନପାଇଁ ଫେରୁଥିବା ସ୍ଥାନୀୟ ଯୁବକ ବନମାଳୀ ଜେନା କହିଛନ୍ତି । ତେବେ ଏନେଇ ଧାମନଗର ଭାରପ୍ରାପ୍ତ ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ରାଜଦୀପ୍ ତ୍ରିପାଠୀଙ୍କୁ ଯୋଗାଯୋଗ କରିବାରୁ ସେ ଛୁଟିରେ ଥିବାରୁ ଫୋନ ଉଠାଇ ନଥିଲେ । ସେହିପରି ତାଙ୍କ ସ୍ଥାନରେ ଥିବା ଭାରପ୍ରାପ୍ତ ଅଧିକାରୀ ମନ୍ମୟ ସାମନ୍ତସିଂହାରଙ୍କୁ ପଚାରିବାରୁ ସେ କୁହନ୍ତି; ଡାକ୍ତର ପ୍ରତ୍ୟାଶା ଦାଶ ଗତ ଅକ୍ଟୋବରରୁ ଦୃଘଟଣା ଗ୍ରସ୍ଥ ହୋଇଥିବାରୁ ଛୁଟିରେ ରହିଛନ୍ତି । ତାଙ୍କ ଦରମା ବନ୍ଦ କରାଯାଇଛି । ଅନ୍ୟତମ ଆୟୁଷ ଡାକ୍ତର ସଞ୍ଜୟ କୁମାର ହୋଇ ଡେପୁଟେସନରେ ଅନ୍ୟତ୍ର ଯାଇଥିବାରୁ ସବୁଦିନ ଏଠାରେ ଉପସ୍ଥିତ ରହିବା ସମ୍ଭବ ହେଉନାହିଁ ବୋଲି ପ୍ରତିକ୍ରିୟାରେ କହିଛନ୍ତି ।

# ବିଶ୍ୱକୁ ଆଲୋକିତ କରିବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ











**'' କି ସୁନ୍ଦର ଆହା କି ଆନନ୍ଦ ମୟ**
**ଏହି ବିଶାଳ ସଂସାର**
**ଧନ୍ୟ ମହାପ୍ରଭୁ ମହିମା ତୁମର ଅଟେ ଅନନ୍ତ ଅପାର''.....**

ବିଶ୍ୱବିଦିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅପାରକୃପା ମାନବ ଜଗତର କଲ୍ୟାଣ ପାଇଁ ଉଦ୍ଦିଷ୍ଟ। ସର୍ବଧର୍ମ ସମନ୍ୱୟର ପ୍ରତୀକ ବଡ଼ ଠାକୁରଙ୍କର ଭକ୍ତଗଣ ତାଙ୍କର ଅପୂର୍ବ ଶୋଭା ଦର୍ଶନ କରି ମୋକ୍ଷ ଲାଭ କରନ୍ତି, ତୃପ୍ତ ହୁଅନ୍ତି, ସନ୍ତୁଷ୍ଟ ହୁଅନ୍ତି, ଧନ୍ୟହୁଅନ୍ତି, ନିଜକୁ ଭାଗ୍ୟବାନ୍ ମଣନ୍ତି ଆଉ ଜୀବନରେ ସୁଖ ଶାନ୍ତି ସମୃଦ୍ଧି ଲାଭ କରିଥାନ୍ତି। ମହାପ୍ରଭୁ ହିଁ ସୃଷ୍ଟିର ମୂଳ ଆଧାର-ଯାହାଙ୍କର ନିର୍ଦ୍ଦେଶରେ, ଦୃଷ୍ଟିରେ, ଆଲୋକରେ ସାରା ବିଶ୍ୱ ଆଲୋକିତ ଓ ପରିଚାଳିତ ହୋଇଥାଏ। ବିଶ୍ୱର ଅଗଣିତ ଶ୍ରୀଜଗନ୍ନାଥ ପ୍ରେମୀ ଆଉ ଭକ୍ତଗଣଙ୍କ ପାଇଁ ସେହି ଲୀଳାମୟ ବଡ଼ ଠାକୁରଙ୍କ ଅପୂର୍ବ ଶୋଭା ଦର୍ଶନର ଶୃଙ୍ଖଳିତ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଛି। ଓଡ଼ିଶା ଏବଂ ଦେଶ ବିଦେଶର ଶ୍ରଦ୍ଧାଳୁ ଭକ୍ତଗଣ ଓ ଦର୍ଶନାର୍ଥୀ ଯାହାର ଦିବ୍ୟ ଅନୁଭୂତି ନେବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରିକଳ୍ପିତ ସ୍ୱପ୍ନର 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ' ସଂପୂର୍ଣ୍ଣ ଓ ସାକାର ହେବାକୁ ଯାଉଛି। ଆସନ୍ତା ୧୭ତାରିଖରେ ମୁଖ୍ୟମନ୍ତ୍ରୀ ଏହାର ଶୁଭ ଲୋକାର୍ପଣ କରିବେ। ଏଥି ପାଇଁ ଶ୍ରୀକ୍ଷେତ୍ର ଧାମ କ୍ରମଶଃ ମୁଖରିତ ଆଉ ଚଳଞ୍ଚଳ ହୋଇ ଉଠିଲାଣି। ଯେଉଁ ମହତ୍ତ୍ୱାକାଂକ୍ଷୀ ଭବ୍ୟ କାର୍ଯ୍ୟକ୍ରମରେ ଦେଶ ବିଦେଶର ବିଭିନ୍ନ ପ୍ରସିଦ୍ଧ ଧର୍ମାନୁଷ୍ଠାନ ଓ ପୀଠର ପୀଠାଧିଶଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ପଣ୍ଡିତ ଗଣ ଯୋଗ ଦେଉଛନ୍ତି।

## ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଗଡଖୋର୍ଦ୍ଧାରେ ପରିକ୍ରମା ରଥ

ବହୁ ପ୍ରତିକ୍ଷିତ ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ଜାନୁଆରୀ ୧୭ତାରିଖ ଲୋକାର୍ପିତ ହେବ। ଏହି ଉପଲକ୍ଷେ ଖୋର୍ଦ୍ଧା ପୌରାଞ୍ଚଳ ୪ ନମ୍ବର ୱାର୍ଡ ଅନ୍ତର୍ଗତ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଗଡଖୋର୍ଦ୍ଧାରେ ଶ୍ରୀଜଗନ୍ନାଥ ରଥ ଶୁଭାରମ୍ଭ ହୋଇଯାଇଛି। ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ରିଜୱାନ ପ୍ରମୁଖ ଶୁଭ ଉଦ୍‌ଘାଟନ କରିଥିଲେ। ବିଧାୟକ ଶ୍ରୀ ମିତ୍ର ଅକ୍ଷତ ଚାଉଳ, ଗୁଆ ଦେଇ ଶୁଭାରମ୍ଭ କରିଥିଲେ। ଶ୍ରୀଜଗନ୍ନାଥଙ୍କ ସ୍ତୁତି, ନାମ ସଂକୀର୍ତ୍ତନ ସହ ଗଡଖୋର୍ଦ୍ଧା ପରିକ୍ରମା କରିଥିଲେ। ପ୍ରତ୍ୟେକ ପରିବାର ଅକ୍ଷତ ଚାଉଳ, ଗୁଆ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୌର ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ସ୍ଥାନୀୟ କାଉନସିଲର ପ୍ରଶାନ୍ତ ସେଠୀଙ୍କ ସମେତ ସମସ୍ତ କାଉନସିଲର ଅମିୟ ମହାନ୍ତି, କମଳ ପ୍ରଧାନ, ସୃଷ୍ଟି ମାଝି, ଶୁଭଲକ୍ଷ୍ମୀ ମହାରଣା, ପ୍ରବୀଣା ଜଗଦେବରାୟ, ଟୁଟୁ ବଳିଆରସିଂ, ନାଗଭୂଷଣ ଜେନା, ବିଦ୍ୟୁଲତା ସାହୁ, ପଦ୍ମିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ସଦସ୍ୟ, ଗବେଷକ ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ, ସଂସ୍କୃତି ଗବେଷକ ପ୍ରସନ୍ନ ମହାପାତ୍ର, ସ୍ଥାନୀୟ ଶିକ୍ଷାବିତ, ବାସିନ୍ଦା ରଥ ପରିକ୍ରମାରେ ସାମିଲ ହୋଇଥିଲେ।




## ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ମା' ବିରଜାଙ୍କୁ ନିମନ୍ତ୍ରଣ



ପବିତ୍ର ଜ୍ୟେଷ୍ଠ ଶୁକ୍ଳପକ୍ଷ ସପ୍ତମୀ ତିଥି ୨୦୨୪ ଜାନୁୟାରୀ ୧୭ ତାରିଖ ବୁଧବାର ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୪ ଘଟିକା ସମୟରେ ଶ୍ରୀ ମନ୍ଦିର ପରିକ୍ରମା ପରିସର, ଶ୍ରୀ ଜଗନ୍ନାଥ, ପୁରୀ ଠାରେ ଶ୍ରୀ ମନ୍ଦିର ପରିକ୍ରମା କମିଟି ଆନୁକୂଲ୍ୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ପ୍ରତିଷ୍ଠା ଓ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଶ୍ରୀ ମନ୍ଦିର ପ୍ରଶାସନ ଏବଂ ପୁରୀ ପ୍ରଶାସନର ଦଇତାପତି ଏବଂ ପ୍ରଶାସନିକ ଅଧିକାରୀଙ୍କ ଏକ ୪ ଜଣିଆ ଟିମ୍ ଯାଜପୁର ଜିଲ୍ଲା ଗସ୍ତ କରି ଯାଜପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ସେବାୟତଙ୍କୁ ନିମନ୍ତ୍ରଣ କରିବା ପାଇଁ ବିରଜା ମନ୍ଦିର ପରିସରରେ ପହଞ୍ଚିଥିଲେ । ଦଇତାପତି ମାନଙ୍କ ମଧ୍ୟରେ ଜିତେନ୍ଦ୍ର ନାଥ ଦାଶ ମହାପାତ୍ର, ଭଗବାନ ଦାଶ ମହାପାତ୍ର, ରାମାନନ୍ଦ ଦାଶ ମହାପାତ୍ର ଏବଂ ଜିଲ୍ଲା ପ୍ରଶାସନ, ପୁରୀ, ଡେପୁଟୀ କଲେକ୍ଟର ବିବେକାନନ୍ଦ ସାହୁଙ୍କୁ ଘଣ୍ଟ, ଶଙ୍ଖ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଧ୍ୱନି ଶୋଭାଯାତ୍ରାରେ ମା' ବିରଜାଙ୍କ ରଥ ଦାଣ୍ଡରୁ ମନ୍ଦିର ମଧ୍ୟକୁ ପାଚ୍ଛୋଟି ନିଆଯାଇଥିଲା । ଏହି ଶୋଭାଯାତ୍ରାରେ ବାଲୁକେଶ୍ୱର ସଂକୀର୍ତ୍ତନ ମଣ୍ଡଳୀ, କୋଳଥା ବାଙ୍କସାହି, ମା' ବୀଣାପାଣି ସଂକୀର୍ତ୍ତନ ମଣ୍ଡଳୀ, ବାଙ୍କସାହି, ସୁଜନପୁର, ଓଡ଼ିଶୀ ନୃତ୍ୟରେ ବ୍ୟାସଶ୍ରୀ କଳା ନିକେତନ, ଯାଜପୁର ରୋଡର ସ୍ୱର୍ଣ୍ଣଲକ୍ଷ୍ମୀ ମିଶ୍ର, ସ୍ମୃତିମୟୀ ଲତାସା ମାଝି ଯୋଗ ଦେଇଥିଲେ । ପରେ ବିରଜା ମା'ଙ୍କ ମନ୍ଦିରର ସେବାୟତ ଦେବୀ ପ୍ରସାଦ ପାଣି, ସୁକାନ୍ତ ପାଣି, ନାଗେନ୍ଦ୍ର ଭୂଷଣ କର, ଦିଗମ୍ବର ପାଣି, ସତ୍ୟବ୍ରତ ପାଣି, ଭବାନୀ ପ୍ରସାଦ ପାଣି, ବିଜୟ ପାଣି, ବିକାଶ ପାଣି, କିଶୋର ପାଣି, ଦିପାଲି ପାଣି, ସୁରଜ ପାଣି, କଲ୍ୟାଣ ପାଣି, ମନ୍ଦିର କର୍ମଚାରୀ ମଳୟ କୁମାର ପଣ୍ଡା, ପ୍ରଭାତ ପତି, ଚନ୍ଦନ ଦୀକ୍ଷିତ ପ୍ରମୁଖ ଉପସ୍ଥିତିରେ ଯଥାବିଧି ମା'ଙ୍କୁ ପୂଜାର୍ଚ୍ଚନା କରି ପୁରୀ ଶ୍ରୀ ମନ୍ଦିର ସେବାୟତ ଟିମ୍ ନିମନ୍ତ୍ରଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ, ଶୁଭେନ୍ଦ୍ର କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାଜପୁର ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ରଂଜୁଲତା ହୋତା, ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୋନାଲି ବେହେରା, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ସେବାୟତ ଦଳଙ୍କୁ ନେଇ ଶ୍ରୀ ବରାହ ଜୀଉ ମନ୍ଦିର ପରିଦର୍ଶନ କରିବା ସହ ଯଥା ରୀତିମତେ ପୂଜାର୍ଚ୍ଚନା କରି ମନ୍ଦିର ମୁଖ୍ୟ ପୂଜକ ସୀତାରାମ ଦୀକ୍ଷିତଙ୍କ ସହ ଆଧ୍ୟାତ୍ମିକ ଆଲୋଚନା କରିଥିଲେ । ସେଠାରୁ ଦଶାଶ୍ୱମେଧ ଘାଟ ପରିଦର୍ଶନ କରିବା ସହ ମା' ଲକ୍ଷ୍ମୀ ଠାକୁରାଣୀ, ଶ୍ରୀ ଜୀଉ ମାନଙ୍କୁ ଏବଂ ଜମ ମା'ସାତ ଭଉଣୀ ଓ ସିଦ୍ଧି ବିନାୟକଙ୍କୁ ଦର୍ଶନ କରି ସିଦ୍ଧେଶ୍ୱର ମନ୍ଦିର ଅଭିମୁଖେ ଯାତ୍ରା କରି ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କୁ ଦର୍ଶନ କରିବା ସହ ପୂଜକ ହୃଦାନନ୍ଦ ଦୀକ୍ଷିତଙ୍କ ସହ ମନ୍ଦିରର କିମ୍ବଦନ୍ତୀ ସଂପର୍କରେ ପଚାରି ବୁଝିଥିଲେ ।




## 'ଜୟ ଜଗନ୍ନାଥ ଅର୍ପଣ ରଥ'ର ରାଉରକେଲା ସହର ପରିକ୍ରମା

ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। କୋଟି କୋଟି ଓଡ଼ିଆଙ୍କ ମଉଡ଼ମଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ଭବ୍ୟ ଉତ୍ସବରେ ଯେପରି ପ୍ରତିଟି ଓଡ଼ିଆ ଯୋଡ଼ି ହୋଇ ଦିବ୍ୟ ଅନୁଭବର ସାନିଧ ଲାଭ କରିପାରିବେ ସେଥିପାଇଁ ରାଜ୍ୟ ସରକାରଙ୍କ ତରଫରୁ ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ଫଳ ସ୍ୱରୂପ 'ଜୟ ଜଗନ୍ନାଥ ଅର୍ପଣ ରଥ' ମାଧମରେ ପୁରପଲ୍ଲୀରୁ ସହର ସବୁ ଅଞ୍ଚଳର ପରିକ୍ରମା କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ ଉଦ୍ଦେଶ୍ୟରେ ପ୍ରତି ଘରୁ ଚାଉଳ ଓ ଗୁଆ ସଂଗ୍ରହ କରାଯାଉଛି। ଏହି କ୍ରମରେ ରାଉରକେଲା ସହରରୁ ମଧ ଏହି ଅର୍ପଣ ରଥର ପରିକ୍ରମା ଯାତ୍ରା ଶନିବାର ଠାରୁ ବିଧିବଦ୍ଧ ଭାବେ ଆରମ୍ଭ ହୋଇଯାଇଛି।

ଶନିବାର ରାଉରକେଲା ସେକ୍ଟର ୩ ଓ ବାସନ୍ତୀ କଲୋନୀ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରୁ ଏହି 'ଜଗନ୍ନାଥ ଅର୍ପଣ ରଥ' ର ସହର ପରିକ୍ରମା ଆରମ୍ଭ ହୋଇଥିଲା । ରଥ ପରିକ୍ରମା କାର୍ଯ୍ୟକ୍ରମର ଶୁଭାରମ୍ଭ ସମୟରେ ବାସନ୍ତୀ କଲୋନୀ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଉପସ୍ଥିତ ଥିବା ବେଳେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ସେକ୍ଟର ୩ ଜଗନ୍ନାଥ ମନ୍ଦିର ପରିସରରେ ଉପସ୍ଥିତ ଥିଲେ। ମନ୍ତ୍ରୀ ଓ ବିଧାୟକ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ଏହି ଅଭିନବ ପ୍ରୟାସକୁ ସାଧୁବାଦ ଜଣାଇଥିଲେ। ଏଥି ସହ 'ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ' ଶ୍ରୀ ମନ୍ଦିରର ଶ୍ରୀ ବର୍ଦ୍ଧନ କରିବା ସହ ଭକ୍ତଙ୍କ ସୁବିଧା ପାଇଁ ବିଶେଷ ସହାୟକ ହେବ ବୋଲି କହିଥିଲେ। ଶୁଭାରମ୍ଭ ସମୟରେ ଓଡ଼ିଶୀ ନୃତ୍ୟ ସହ ଘଣ୍ଟ ଘଣ୍ଟା, ଶଙ୍ଖ, ମୃଦଙ୍ଗ ଓ ହୁଳହୁଳିର ଶବ୍ଦ ପୁରା ପରିବେଶକୁ ଜଗନ୍ନାଥମୟ କରିଥିଲା।

ରାଉରକେଲା ସହରରେ ୧୬ଟି ଅର୍ପଣ ରଥ ମାଧମରେ ଆସନ୍ତା ୧୫ ତାରିଖ ଯାଏଁ ସମସ୍ତ ୪୦ଟି ୱାର୍ଡ ଓ ସେକ୍ଟରର ପ୍ରତି ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯିବ। ଏଥି ପାଇଁ ରାଉରକେଲା ମହାନଗର ନିଗମ ତରଫରୁ ୧୬ଟି ରଥର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟାୟକ୍ରମେ ଏହି ସବୁ ରଥ ମାଧମରେ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯିବ। ରଥର ପରିକ୍ରମା ସମୟରେ ପରିବେଶକୁ ଆଧ୍ୟାତ୍ମିକ ତଥା ଭକ୍ତିମୟ କରିବା ପାଇଁ ସଙ୍କୀର୍ତ୍ତନ ମାଧ୍ୟମରେ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯିବ। ସଂଗୃହିତ ଅରୁଆ ଚାଉଳ ଓ ଗୁଆ ଗୁଡ଼ିକୁ ପାଖ ଜଗନ୍ନାଥଙ୍କ ମନ୍ଦିରରେ ରଖାଯିବ। ପରେ ଏଗୁଡ଼ିକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ ଉଦ୍ଦେଶ୍ୟରେ ପୁରୀ ପହଞ୍ଚାଯିବ। ଦଶଦିନ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପାଇଁ ଆରଏମସି ତରଫରୁ ସମସ୍ତ ପ୍ରକାର ସୁବ୍ୟବସ୍ଥା କରଯାଇଛି।





ସମ୍ପାଦକୀୟ
29 YEARS
ସମ୍ବାଦ କଳିକା

# ଗ୍ରାହକଙ୍କୁ ମିଳିବ ନାହିଁ ଆଶ୍ୱସ୍ତି

ପେଟ୍ରୋଲ୍, ଡିଜେଲ୍ ଉପରେ ଗ୍ରାହକମାନଙ୍କୁ ନିକଟ ଭବିଷ୍ୟତରେ କୌଣସି ଆଶ୍ୱସ୍ତି ମିଳିବ ନାହିଁ। ଲିଟର ପିଛା ତୈଳ ବିକ୍ରି ଉପରେ କମ୍ପାନୀମାନେ ୧୦ ଟଙ୍କା ଲାଭ କରୁଥିବା ସତ୍ତ୍ୱେ କେନ୍ଦ୍ର ସରକାର ଟିକସ କମ କରିବେ ନାହିଁ ବୋଲି ବିଶେଷଜ୍ଞମାନେ ଭାବୁଛନ୍ତି। ବର୍ଷକ ତଳେ ପେଟ୍ରୋଲ ଉପରୁ ଟିକସ ହ୍ରାସ କରାଯାଇଥିଲା। ତା’ପରଠାରୁ ପେଟ୍ରୋଲ୍‌ର ଦାମ ୧୦୦ ଟଙ୍କାରୁ ଅଧିକ ରହିଛି ଯେହେତୁ ପେଟ୍ରୋଲ ଓ ଡିଜେଲ ଦାମ୍ କମ ହେଉନାହିଁ, ତେଣୁ ଅତ୍ୟାବଶ୍ୟକ ସାମଗ୍ରୀ ଓ ପନିପରିବା ଦାମ୍‌ରେ ମିଳିବାକୁ ଥିବା ଆଶ୍ୱସ୍ତି ମଧ୍ୟ ବିଳମ୍ବ ହେବାରେ ଲାଗିଛି।

ଚଳିତ ଆର୍ଥିକ ବର୍ଷରେ ତିନି ସରକାରୀ ତେଲ କମ୍ପାନିଗୁଡ଼ିକର ମିଳିତ ଲାଭ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆଶା କରାଯାଉଛି। ଯାହା ଗତବର୍ଷ ୩୦ ହଜାର କୋଟି ଟଙ୍କା ଥିଲା। ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ବାର୍ଷିକ ହାରାହାରି ଲାଭ ୬୦,୦୦୦ କୋଟି ଟଙ୍କା ପାଖାପାଖି ରହୁଥିଲା। ଏଥର କିନ୍ତୁ ସେଥିରେ ରେକର୍ଡ ହେବ। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦାମ ବ୍ୟାରେଲ ପିଛା ପ୍ରାୟ ୮୫ ଡଲାର ପାଖାପାଖି ସ୍ଥିର ହୋଇଯାଇଥିବାରୁ ଇଣ୍ଡିଆନ ଅଏଲ୍, ଭାରତ ପେଟ୍ରୋଲିୟମ ଓ ହିନ୍ଦୁସ୍ତାନ ପେଟ୍ରୋଲିୟମ ପେଟ୍ରୋଲ ଓ ଡିଜେଲ୍ ଉପରେ ୮–୯ ଟଙ୍କା ଲାଭ କରୁଛନ୍ତି। କିନ୍ତୁ ତେଲ ଦରବୃଦ୍ଧିକୁ ଅଟକାଇ ଦିଆଯାଇଥିବାରୁ ଗ୍ରାହକମାନଙ୍କୁ ତାହାର ଲାଭ ମିଳୁନାହିଁ।

# ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଯେ କୌଣସି ରାଷ୍ଟ୍ରର ବିକାଶ ଶିକ୍ଷାର ବିକାଶ ଉପରେ ନିର୍ଭରଶୀଳ। ଶିକ୍ଷାଦୃଷ୍ଟିରୁ ଗୋଟିଏ ଅନଗ୍ରସର ଦେଶ କ୍ଷୀପ୍ରଭାବେ ଆଗକୁ ବଢିବା ସମ୍ଭବପର ନୁହେଁ। ଯେଉଁ ଦେଶଗୁଡ଼ିକ ଆଜି ବିକଶିତ ରାଷ୍ଟ୍ରଭାବେ ବିବେଚିତ ହେଉଛନ୍ତି, ଅନୁଧ୍ୟାନରୁ ଉପଲବ୍ଧି କରାଯାଇପାରେ ଯେ ତାଙ୍କ ବିକାଶ ପଛରେ ଶିକ୍ଷାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଭାରତବର୍ଷ ବିକଶିତ ରାଷ୍ଟ୍ରରେ ପରିଣତ ହେବା ପାଇଁ ହେଲେ ତାଙ୍କ ତୁଲ୍ୟ ଆମକୁ ମଧ୍ୟ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେବାକୁ ହେବ। ଏ ଦିଗରେ ଉଭୟ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ହେବ। କେବଳ ସ୍ଲୋଗାନ ଆମକୁ ବିଶ୍ୱଗୁରୁ ବନାଇବ ନାହିଁ। ଏଥିପାଇଁ ଆମକୁ ଭିତ୍ତିଭୂମି ତିଆରି କରିବାକୁ ପଡ଼ିବ। ଏଦିଗରେ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ବୌଦ୍ଧିକ ଚେତନାର ବିକାଶ ଘଟାଇବା ସହିତ ଶ୍ରେଷ୍ଠତା ପ୍ରାପ୍ତିର ମାର୍ଗ ଅନ୍ୱେଷଣ ଦିଗରେ ସହାୟକ ହେବ।

ଶିକ୍ଷାକୁ ନେଇ ଚୀନରେ ଏକ ସୁନ୍ଦର ଲୋକ କଥନ ରହିଛି। ତାହା ହେଉଛି ‘ତୁମେ ଯଦି ଗୋଟିଏ ବର୍ଷରେ ଫଳ ପାଇବାକୁ ଚାହୁଁଛ ତେବେ ଧାନ ଚାଷ କର, ତୁମେ ଯଦି ଗୋଟିଏ ଦଶକରେ ଫଳ ପାଇବାକୁ ଚାହୁଁଛ ତେବେ ଗଛ ଲଗାଅ, ତୁମେ ଯଦି ଜୀବନ ତମାମ ଫଳ ପାଇବାକୁ ଚାହୁଁଛ ତେବେ ପିଲାଙ୍କୁ ପାଠ ପଢାଅ।’ ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟ ବିରୋଧି ଆନ୍ଦୋଳନର ଅଦ୍ୱିତୀୟ ନେତା ନେଲସନ ମାଣ୍ଡେଲାଙ୍କ ମତରେ ‘ଶିକ୍ଷା ହେଉଛି ଏପରି ଶକ୍ତିଶାଳୀ ଅସ୍ତ୍ର ଯାହା ସାହାଯ୍ୟରେ ତୁମେ ସାରା ବିଶ୍ୱକୁ ବଦଳାଇ ଦେଇପାରିବ’। ଦାସତ୍ୱ ପ୍ରଥାର ଉଚ୍ଛେଦ କରିବା ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଯୁକ୍ତରାଷ୍ଟ୍ର ଆମେରିକାର ସୁପ୍ରସିଦ୍ଧ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନଙ୍କ ମତରେ ଗୋଟିଏ ସୁଦୃଢ଼ ଦେଶର ସମସ୍ତ ନାଗରିକ ଏକ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତାର ଅଧିକାରୀ ହେବା ଆବଶ୍ୟକ। ଚୀନରେ ସାମ୍ୟବାଦର ପ୍ରତିଷ୍ଠାତା ମାଓ-ସେ-ତୁଙ୍ଗ କହିଥିଲେ ଦେଶର କୋଟିକୋଟି ଶିଶୁରୂପକ କଢ଼ିକୁ ଶିକ୍ଷା ମାଧ୍ୟମରେ ପ୍ରସ୍ଫୁଟିତ କରାଯାଇ ପାରିବ। ସମ୍ବିଧାନର ପ୍ରଣେତା ଡକ୍ଟର ଆମ୍ବେଦକରଙ୍କ ମତରେ ଶିକ୍ଷା ପୂର୍ଣ୍ଣତା ଦିଏ, ଶିକ୍ଷା ସଚେତନ କରାଏ, ଶିକ୍ଷା ସମତା ଭାବକୁ ଜାଗ୍ରତ କରାଏ, ଶିକ୍ଷା ସଂଘର୍ଷର ବାଟ ବତାଏ। ତେଣୁ ଭାରତବର୍ଷରେ ଉଭୟ ସାମାଜିକ ଓ ଆର୍ଥିକ ବିକାଶପାଇଁ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା ଅତ୍ୟନ୍ତ ଜରୁରୀ।

ଏକ ତୁଳନାତ୍ମକ ବିଚାରକଲେ ଶିକ୍ଷାଦୃଷ୍ଟିରୁ ଆମର ବର୍ତ୍ତମାନ ସ୍ଥିତି କଣ ତାହା ସହଜରେ ଜଣା ପଡ଼ିଯିବ। ୨୦୧୧ ମସିହାର ଜନଗଣନା ଅନୁଯାୟୀ ଭରତବର୍ଷରେ ଶିକ୍ଷାର ହାର ହେଉଛି ଶତକଡା ୭୪ ଭାଗ ଓ ଓଡିଶାରେ ହେଉଛି ଏହି ହାରରୁ ସାମାନ୍ୟ କମ୍ ଶତକଡା ୭୨ ଭାଗ। ଏବେ ଏ ହାର ସାମାନ୍ୟ ବୃଦ୍ଧି ପାଇଥିବାର ସୂଚନା ମିଳୁଛି। ଆମ ଦେଶରେ କେରଳ ହେଉଛି ସର୍ବାଧିକ ଶିକ୍ଷିତ ରାଜ୍ୟ, ଯାହାର ଶିକ୍ଷା ହାର ଶତ ପ୍ରତିଶତକୁ ଛୁଇଁଛି। ତା ତଳକୁ ଅଛି ଗୋଆ। ଦୁଃଖର କଥା ଯେ ସ୍ୱାଧୀନତାର ଦୀର୍ଘବର୍ଷ ପରେବି ଦେଶରେ ଶତ ପ୍ରତିଶତ ଶିକ୍ଷାହାର ପ୍ରାପ୍ତ ହୋଇପାରି ନାହିଁ। ସଂଖ୍ୟାଧିକ ଅଶିକ୍ଷିତ ଲୋକ ପ୍ରାୟତଃ ଆଦିବାସୀ, ଦଳିତ ଓ ଓବିସି ବର୍ଗରେ ଅଛନ୍ତି। ନାରୀମାନେ ମଧ୍ୟ ତୁଳନାତ୍ମକ ଭାବେ ପଛରେ ଅଛନ୍ତ। ଶିକ୍ଷାଗତ ବିଷମତା ଯୋଗୁଁ ଦେଶରେ ବିଷମ ସମାଜ ତିଆରି ହୋଇଛି। କେଉଁଠି ନା କେଉଁଠି ଶିକ୍ଷା ଯୋଜନା ଦେଶରେ ବିଫଳ ହୋଇଛି। ଯୋଜନାରେ ତ୍ରୁଟି ରହିଛି କିମ୍ବା ଏହାକୁ କାର୍ଯ୍ୟକାରୀ କରିବାରେ ଆନ୍ତରିକତାର ଅଭାବ ରହିଛି। ଯେଉଁମାନେଙ୍କୁ ଶିକ୍ଷିତରେ ଗଣା ହେଉଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଠିକ୍ ଭାବରେ ପଢି ପାରିବେ ନାହିଁ କି ଲେଖି ପାରିବେ ନାହିଁ।

ଆମେ ୧୯୪୭ ମସିହାରେ ସ୍ୱାଧୀନ ହେଲୁ। ଆମର ଦୁଇବର୍ଷ ପରେ ଅର୍ଥାତ ୧୯୪୯ ମସିହାରେ ଚୀନରେ ବିପ୍ଳବ ମାଧ୍ୟମରେ କ୍ଷମତାର ପରିବର୍ତ୍ତନ ହେଲା ଓ ସାମ୍ୟବାଦୀ ଶାସନ ପ୍ରତିଷ୍ଠା ହେଲା। ମାତ୍ର ୩୦ ବର୍ଷ ମଧ୍ୟରେ ଚୀନ ନୂତନ ପୀଢ଼ିକୁ ଶତପ୍ରତିଶତ ଶିକ୍ଷିତ କରାଇ ପାରିଥିଲା। ଏବେ ଚୀନର ସାମଗ୍ରିକ ଶିକ୍ଷାହାର ପାଖାପାଖି ଶତପ୍ରତିଶତ। ସେହିପରି କ୍ୟୁବା ଏକ ଛୋଟଦେଶ ଯେଉଁଠାରେ ବିପ୍ଳବୀ ସରକାର ୧୯୭୯ ରେ ସ୍ଥାପିତ ହୋଇଥିଲା। ସେ ଦେଶ ମଧ୍ୟ ଶିକ୍ଷା ଦୃଷ୍ଟିରୁ ଆମଠାରୁ ବହୁ ଆଗରେ। ସେଠାକାର ତତକାଳୀନ ରାଷ୍ଟ୍ରପତି ଫିଡ଼େଲ କାଷ୍ଟ୍ରୋ ଥରେ ଗର୍ବର ସହିତ କହିଥିଲେ ଯେ ମୋ ଦେଶର ସଫେଇ କର୍ମଚାରୀମାନେ ମଧ୍ୟ ସ୍ନାତକୋତ୍ତର। ବିଶ୍ୱର ଅନେକ ଦେଶରେ ଶିକ୍ଷାର ହାର ଶତପ୍ରତିଶତ। କେବେବି ଏମାନଙ୍କ ସହିତ ଆମେ ନିଜକୁ ତୁଳନା କରୁନା। ଆମେ ଅପେକ୍ଷାକୃତ ଦୁର୍ବଳ ରାଷ୍ଟ୍ର ପାକିସ୍ଥାନ, ବାଙ୍ଗଲାଦେଶ, ଶ୍ରୀଲଙ୍କା ପରି ଦେଶ ସହିତ ନିଜକୁ ତୁଳନା କରିଥାଉ। ଯେଉଁ ଦେଶମାନଙ୍କୁ ଆମେ ବିକଶିତ ରାଷ୍ଟ୍ର ବୋଲି କହୁଛୁ ସେ ସମସ୍ତ ଦେଶର ଶିକ୍ଷାର ହାର ବହୁ ଉପରେ ରହିଛି। ଆମ ଦେଶରେ ଶିକ୍ଷାର ବିକାଶ ଯେଉଁ ମନ୍ଥର ଗତିରେ ହେଉଛି, ଆମକୁ ସେହି ସ୍ଥରରେ ପହଞ୍ଚିବାକୁ ହେଲେ ଆହୁରି ଅନେକ ଦଶନ୍ଧି ଲାଗିବ।

ଉଚ୍ଚଶିକ୍ଷା କ୍ଷେତ୍ରରେ ମଧ୍ୟ ଆମେ ବହୁ ପଛରେ। ଗ୍ରାଜୁଏସନ ବା ସ୍ନାତକକୁ ସର୍ବନିମ୍ନ ଉଚ୍ଚଶିକ୍ଷା ବୋଲି ଗ୍ରହଣ କଲେ ବିକଶିତ ରାଷ୍ଟ୍ରମାନଙ୍କରେ ଏହା ପାଖାପାଖି ଶତକଡା ୫୦ ଭାଗ। କାନାଡାରେ ଗ୍ରାଜୁଏଟ୍ ମାନଙ୍କ ସଂଖ୍ୟା ସର୍ବାଧିକ ୫୬% ରହିଛି। ପ୍ରତିଦ୍ୱନ୍ଦ୍ୱୀ ଚୀନବି ବହୁ ଆଗରେ ରହିଛି। ସେହି ତୁଳନାରେ ଆମ ଦେଶରେ ଏ ହାର ମାତ୍ର ଶତକଡା ୫ ଭାଗ। ବିକଶିତ ରାଷ୍ଟ୍ରଗୁଡ଼ିକ ଉଚ୍ଚଶିକ୍ଷାର ପ୍ରସାର ଦିଗରେ ଯେଉଁ ଗୁରୁତ୍ୱ ଦିଅନ୍ତି ଆମେ ସେହି ଗୁରୁତ୍ୱ ଦେଉନା। କାରଣ ସେମାନେ ଜାଣିଛନ୍ତି ବିକାଶର ମୂଳଆଧାର ହେଉଛି ଶିକ୍ଷା। କେବଳ ଉଚ୍ଚ ଶିକ୍ଷିତମାନେ ଦେଶକୁ କ୍ଷୀପ୍ରଗତିରେ ଆଗକୁ ନେଇ ପାରିବେ। ଉଚ୍ଚଶିକ୍ଷା ବୌଦ୍ଧିକତାର ବିକାଶ ଘଟାଏ। ଏହା ପ୍ରଗତୀର ମାର୍ଗକୁ ଉନ୍ମୁକ୍ତ କରେ। ସମାଜରୁ ବିଭେଦତା ଦୂରକରେ। ସମାଜକୁ ଐକ୍ୟବଦ୍ଧ କରେ ଓ ଦେଶକୁ ଏକ ଉନ୍ନତ ସ୍ତରକୁ ନେଇଯିବାକୁ ଚେଷ୍ଟା କରେ।

ଆମ ଦେଶରେ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା କେବଳ ପ୍ରଗତିକୁ ତ୍ୱରାନ୍ୱିତ କରିବ ତାହା ନୁହେଁ, ଏହା ସହିତ ବହୁ ପୁରାତନ ସାମାଜିକ ବୈଷମ୍ୟକୁ ଦୂରକରିବା ସହିତ ଅନ୍ଧବିଶ୍ୱାସ ଓ କୁସଂସ୍କାର ଉପରେ ମଧ୍ୟ ଲଗାମ ଲଗାଇବ। ଏଥିପାଇଁ ଯୋଜନା ପ୍ରସ୍ତୁତ କରିବାକୁ ପଡିବ। ବିକଶିତ ରାଷ୍ଟ୍ରମାନଙ୍କରେ ଶିକ୍ଷା ବଜେଟ୍ ପ୍ରାୟତଃ ଆମ ଦୁଇଗୁଣ। ଆମ ଦେଶରେ ଶିକ୍ଷା ବଜେଟ୍ ଜିଡ଼ିପିର ଶତକଡ଼ା ତିନି ଭାଗରୁ ସାମାନ୍ୟ ଅଧିକ। ଆମ ପ୍ରତିଦ୍ୱନ୍ଦ୍ୱୀ ଚୀନର ଶିକ୍ଷା ବଜେଟ୍ ପାଖାପାଖି ୧୦%। ଏପରି ପରିସ୍ଥିତିରେ ଆମେ ବିଶ୍ୱଗୁରୁ ହେବା କିପରି ? ତେଣୁକରି ଆମ ଦେଶରେ ଶିକ୍ଷା ବଜେଟ୍ ଜିଡ଼ିପିର ଅନ୍ୟୁନ୍ୟ ୧୦% ହେବା ଉଚିତ୍। ଚାଲିଥିବା ସର୍ବଶିକ୍ଷା ଅଭିଯାନକୁ ଆହୁରି ବ୍ୟାପକ କରିବାକୁ ପଡିବ। ଆଗାମୀ ଏକ ଦଶକ ମଧ୍ୟରେ ଦେଶର ସମସ୍ତ ନାଗରିକଙ୍କୁ ଶିକ୍ଷିତ କରିବାର ଯୋଜନା ତିଆରି କରିବାକୁ ପଡିବ। ଏତତ୍ ବ୍ୟତୀତ ଆମକୁ ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ହେବ। ଆଗାମୀ ଦୁଇ ଦଶକ ମଧ୍ୟରେ ଅନ୍ୟୁନ ୫୦% ଲୋକଙ୍କୁ ସର୍ବନିମ୍ନ ଗ୍ରାଜୁଏଟ ବନାଇବାର ଯୋଜନା ପ୍ରସ୍ତୁତ କରିବାକୁ ପଡିବ। ସର୍ବଶିକ୍ଷା ଓ ଉଚ୍ଚଶିକ୍ଷାର ଏ ଲକ୍ଷ୍ୟ ହାସଲ ପାଇଁ ସମସ୍ତଙ୍କ ସହଭାଗିତା ଅତ୍ୟନ୍ତ ଜରୁରୀ।

# ଭାରତର ସମ୍ବିଧାନ-୭୪ ବର୍ଷରେ ଉପନୀତ



ହିମାଂଶୁ ଶେଖର ଆଚାର୍ଯ୍ୟ
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ – ୯୩୩୭୨୨୧୯୨୪

ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଜାନୁଆରୀ ଛବିଶି ପରି ନଭେମ୍ବର ୨୬ ତାରିଖ ହେଉଛି ଏକ ସ୍ମରଣୀୟ ଦିବସ । ଏହିଦିନ ଆମ ଦେଶର ସମ୍ବିଧାନ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଥିଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧୀନ ହୋଇଥିଲେ ମଧ୍ୟ ଆମ ଦେଶକୁ ଶାସନ କରିବା ପାଇଁ ଏକ ସମ୍ବିଧାନର ଆବଶ୍ୟକତା ଥିଲା। ଯେ କୌଣସି ଦେଶର ଶାସନ ପାଇଁ ସମ୍ବିଧାନର ଯଥେଷ୍ଟ ଆବଶ୍ୟକତା ରହିଛି। ପ୍ରତ୍ୟେକ ଦେଶର ସମ୍ବିଧାନ ନିଜ ଦେଶର ପରିସ୍ଥିତି, ପରିବେଶ ଓ ସମୟ ଅନୁସାରେ ତିଆରି ହୋଇଥାଏ। ଏହି କାରଣରୁ ଗୋଟିଏ ଦେଶର ସମ୍ବିଧାନ ଅନ୍ୟ ଦେଶର ସମ୍ବିଧାନ ଠାରୁ ଭିନ୍ନ ହୋଇଥାଏ। ଭାରତୀୟ ସମ୍ବିଧାନର ଜନ୍ମ ଦିନ ପ୍ରସ୍ତାବନାରେ ବର୍ଣ୍ଣିତ ହୋଇଛି। ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଭାରତର ସମ୍ବିଧାନ ଗୃହୀତ ହୋଇଥିଲା ଅର୍ଥାତ୍ ଏହିଦିନ ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରି ତାହା ଦେଶ ବାସୀଙ୍କ ପାଇଁ ଅର୍ପଣ କରାଯାଇଥିଲା। ପୂର୍ବରୁ ଏହା ‘ଜାତୀୟ ଆଇନ ଦିବସ’ ଭାବେ ପାଳନ ହୋଇଆସୁଥିବା ବେଳେ ୨୦୧୫ ମସିହା ଅକ୍ଟୋବର ୧୧ ତାରିଖରେ ଏବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନଭେମ୍ବର ୨୬ ତାରିଖକୁ ‘ସମ୍ବିଧାନ ଦିବସ’ ରୂପେ ପାଳନ କରିବାକୁ ଘୋଷଣା କରିଥିଲେ। ତଦନୁଯାୟୀ ଏହା ସମ୍ବିଧାନ ଦିବସ ରୂପେ ପାଳନ କରାଯାଉଛି।

ପ୍ରତ୍ୟେକ ଲିଖିତ ସମ୍ବିଧାନ ପରି ଭାରତୀୟ ସମ୍ବିଧାନର ପ୍ରାରମ୍ଭରେ ଏକ ପ୍ରସ୍ତାବନା ରହିଛି । ପ୍ରସ୍ତାବନା ସମ୍ବିଧାନର ଏକ ସଂକ୍ଷିପ୍ତ ରୂପ ଅଟେ । ଏଥିରେ ସମ୍ବିଧାନର ଲକ୍ଷ୍ୟ, ଅଭୀପ୍ସା, ଆକାଙ୍‌କ୍ଷା ଓ ଆଇନଗତ ଭିତ୍ତି ସମ୍ବନ୍ଧରେ ସୂଚନା ଦିଆଯାଇଛି । ସମ୍ବିଧାନର ପ୍ରସ୍ତାବନାରେ କୁହାଯାଇଛି – “ଆମେ ଭାରତର ଜନସାଧାରଣ ଦୃଢ ସଂକଳ୍ପ କରୁଛୁ ଯେ, ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ, ସାଧାରଣତନ୍ତ୍ର ରାଷ୍ଟ୍ରଭାବେ ଗଠନ କରିବୁ ଏବଂ ଏହାକୁ ସମସ୍ତ ନାଗରିକମାନଙ୍କୁ ପ୍ରଦାନ କରିବୁ। ସାମାଜିକ, ଅର୍ଥନୈତିକ ଏବଂ ରାଜନୀତିକ ନ୍ୟାୟ ବିଚାର, ଅଭିବ୍ୟକ୍ତି, ବିଶ୍ୱାସ ଧର୍ମ ଏବଂ ଉପାସନାରେ ସ୍ୱତନ୍ତ୍ରତା, ସ୍ଥିତି ଓ ସୁଯୋଗର ସମାନତା ଏବଂ ଏବଂ ସମସ୍ତ ନାଗରିକମାନଙ୍କ ମଧ୍ୟରେ ତାହାର ବିକାଶ, ବ୍ୟକ୍ତିର ମର୍ଯ୍ୟାଦା ଏବଂ ଜାତିର ଏକତା ଓ ସଂହତି ପାଇଁ ଭ୍ରାତୃତ୍ୱଭାବ ସୁନିଶ୍ଚିତ କରିବୁ। ଅମ୍ଭର ଏହି ଶାସନ ବିଧାୟକ ସଭାରେ ୧୯୪୯ ମସିହା ନଭେମ୍ବର ମାସ ୨୬ ତାରିଖ ଦିନ, ଏତଦ୍‌ଦ୍ୱାରା ଏହି ସମ୍ବିଧାନକୁ ଅବଲମ୍ବନ ଓ ପ୍ରଣୟନ କରୁଛୁ ଏବଂ ଆତ୍ମମାନଙ୍କ ଠାରେ ତାହା ଅର୍ପଣ କରୁଛୁ’’। ମୂଳ ସମ୍ବିଧାନରେ ସମାଜବାଦୀ, ଧର୍ମ ନିରପେକ୍ଷତା ଓ ସଂହତି ଶବ୍ଦ ନଥିଲା ।୧୯୭୬ ମସିହାର ୪୨ତମ ସମ୍ବିଧାନ ସଂଶୋଧନ ଆଇନ ବଳରେ ପ୍ରସ୍ତାବନାରେ ଏହି ତିନୋଟି ଶବ୍ଦକୁ ଯୋଡାଯାଇଅଛି । ପ୍ରସ୍ତାବନା ଅନୁଯାୟୀ ଭାରତର ସାର୍ବଭୌମ କ୍ଷମତା ଲୋକମାନଙ୍କ ହସ୍ତରେ ନ୍ୟସ୍ତ ।

ଅଧୁନିକ ଯୁଗରେ ସମ୍ବିଧାନ ନିର୍ମାଣ କାର୍ଯ୍ୟ ନାଗରିକମାନଙ୍କ ଦ୍ୱାରା ବିଶେଷ ଉପରେ ଗଠିତ ଏକ ପ୍ରତିନିଧିମୂଳକ ଏକ ସମ୍ବିଧାନ ସଭା ଦ୍ୱାରା ହୁଏ। ସାଧାରଣ ଅର୍ଥରେ ଯେଉଁ ସଭା ଦେଶର ସମ୍ବିଧାନକୁ ନିର୍ମାଣ କରେ ତାକୁ ସମ୍ବିଧାନ ସଭା କୁହାଯାଏ। ୧୯୪୬ ମସିହା କ୍ୟାବିନେଟ ମିଶନ ଯୋଜନା ଭାରତରେ ଗୋଟିଏ ସମ୍ବିଧାନ ସଭା ଗଠନ କରି ସମ୍ବିଧାନ ପ୍ରଣୟନ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ସୁପାରିସ ଅନୁସାରେ ୧୯୪୬ ମସିହା ଜୁଲାଇ ମାସରେ ସମ୍ବିଧାନ ସଭା ପାଇଁ ନିର୍ବାଚନ ହୋଇଥିଲା। ଏଥିରେ କଂଗ୍ରେସ ୨୦୫, ମୁସଲିମ୍ ଲିଗର ୭୩, ଅକାଳୀ ଦଳର ୩ ଏବଂ ୧୮ ଜଣ ସ୍ୱାଧୀନ ସଦସ୍ୟ ନିର୍ବାଚିତ ହୋଇଥିଲେ। ମୁସଲିମ୍ ଲିଗର ୩ଟି ସଦସ୍ୟ ଏବଂ ଅକାଳୀ ଦଳର ୩ଟି ସଦସ୍ୟ କଂଗ୍ରେସକୁ ପ୍ରାପ୍ତ ହେବାରୁ ମୋଟ ୨୧୧ ଜଣ କଂଗ୍ରେସ ସଦସ୍ୟ ଥିଲେ। ସମ୍ବିଧାନର ପ୍ରଥମ ବୈଠକ ୮ ଡିସେମ୍ବର ୧୯୪୬ ମସିହାରେ ଅନୁଷ୍ଠିତ ହୋଇଥିଲା। ସମ୍ବିଧାନ ସଭାରେ ସମ୍ବିଧାନର ଏକ ଚିଠା ପ୍ରସ୍ତୁତ କରିବା ପାଇଁ ୨୯ ଅଗଷ୍ଟ ୧୯୪୭ରେ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ୭ ଜଣ ସଦସ୍ୟଙ୍କୁ ନେଇ ଏକ ଚିଠା କମିଟି ଗଠନ କରାଯାଇଥିଲା । ଏହି କମିଟିର ଅନ୍ୟ ସଦସ୍ୟ ମାନେଥିଲେ ଏନ୍ ଗୋପାଳସ୍ୱାମୀ ଆୟଙ୍ଗାର, ଆଲାଦି କ୍ରିଷ୍ଣସ୍ୱାମୀ ଆୟର, ମହମ୍ମଦ ସାଦୁଲ୍ଲା, କେ.ଏମ୍. ମୁନସୀ, ବି.ଏଲ୍.ମିତର ଏବଂ ଡି.ପି. ଖେତାନ। କିନ୍ତୁ ଅଳ୍ପ ଦିନ ପରେ ବି.ଏଲ୍ ମିତରଙ୍କ ସ୍ଥାନରେ ଏନ୍ ମାଧବନ ରାଓଙ୍କୁ ନିଆଗଲା। ୧୯୩୯ରେ ବି.ପି. ଖେତାନଙ୍କ ସ୍ଥାନରେ ଟି.ଟି କୃଷ୍ଣମାଚାରୀଙ୍କୁ ନିଆଗଲା।

ସମ୍ବିଧାନ ସଭା ୧୯୪୬ ଡିସେମ୍ବର ୯ ତାରିଖରୁ ୧୯୪୯ ମସିହା ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ମୋଟ ୨ବର୍ଷ ୧୧ମାସ ୧୮ ଦିନ କଠିନ ପରିଶ୍ରମ କରି ସମ୍ବିଧାନ ପ୍ରସ୍ତୁତ କରିଥିଲେ। ଏଥିପାଇଁ ୧୧ଟି ଅଧିବେଶନ ଏବଂ ୧୬୫ ଦିନ ବୈଠକ ବସିଥିଲା। ଶେଷରେ ୩୯୫ଟି ଧାରା ଏବଂ ୮ଟି ପରିଶିଷ୍ଟ ବିଶିଷ୍ଟ ଭାରତ ସମ୍ବିଧାନ ପ୍ରଣୟନ କରାଗଲା। ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍, ଡଃ ରାଜେନ୍ଦ୍ର ପ୍ରସାଦ୍, ମୌଲାନା ଅବୁଲ କଲାମ ଆଜାଦ୍, ଚକ୍ରବର୍ତ୍ତୀ ରାଜଗୋପାଳଚାରୀ, ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥ, ବାଳଗୋବିନ୍ଦ ଖେର, ବାବୁ ପୁରୁଷୋତ୍ତମ ଦାସ ଟଣ୍ଡନ, ଆଚାର୍ଯ୍ୟ କୃପାଳିନୀ ଭଳି କଂଗ୍ରେସର ପ୍ରାୟ ସମସ୍ତ ବଡ ବଡ ନେତାମାନେ ସମ୍ବିଧାନ ସଭାର ସଦସ୍ୟ ଥିଲେ। କଂଗ୍ରେସ ବ୍ୟତୀତ ଅନ୍ୟ ଦଳର ବିଶିଷ୍ଟ ନେତାମାନେ ଥିଲେ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ଡଃ ଶ୍ୟାମ ପ୍ରସାଦ ମୁଖାର୍ଜୀ, ପଣ୍ଡିତ ହୃଦୟନାଥ କୁଞ୍ଜରୁ, ଡଃ ଜୟକର ଓ ପ୍ରଫେସର କେ.ଟି. ସାହ । ମହିଳା ସଦସ୍ୟମାନଙ୍କ ମଧ୍ୟରୁ ସରୋଜିନୀ ନାଇଡୁ, ହଂସା ମେହଟ୍ଟା ଏବଂ ଦୁର୍ଗାବାଈ ଦେଶମୁଖ ପ୍ରମୁଖ ଥିଲେ। ମୌଳିକ ଅଧିକାର ଗଣତାନ୍ତ୍ରିକ ରାଷ୍ଟ୍ର ନାଗରିକଙ୍କ ପାଇଁ ରକ୍ଷାକବଚ। ଏହି ଅଧିକାର ଦ୍ୱାରା ବ୍ୟକ୍ତିକୁ ଯେଉଁ ସ୍ୱାଧୀନତା ମିଳେ ସିଏ ସେଥିରେ ସର୍ବବିଧ ଉନ୍ନତି ସାଧନ କରେ। ମୌଳିକ ଅଧିକାର କହିଲେ ରାଷ୍ଟ୍ରର ସମ୍ବିଧାନ ଦ୍ୱାରା ପ୍ରଦତ୍ତ ସବଂ ସଂରକ୍ଷିତ ଅଧିକାରକୁ ବିଝାଏ। ଏହି ମୌଳିକ ଅଧିକାର ଗୁଡିକ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ହେଉଥିବାରୁ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଏହା ସଂଶୋଧିତ ହୋଇଥାଏ। ଭାରତୀୟ ନାଗରିକମାନେ ୬ଗୋଟି ମୌଳିକ ଅଧିକାର ଉପଭୋଗ କରୁଛନ୍ତି ଯଥା– ସମାନତା ଅଧିକାର, ସ୍ୱାଧୀନତା ଅଧିକାର, ଶୋଷଣ ବିରୋଧରେ ଅଧିକାର, ଧର୍ମଗତ ଅଧିକାର, ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର, ସାମ୍ବିଧାନିକ ପ୍ରତିକାର ଅଧିକାର। ୧୯୭୮ ମସିହା ୪୪ ତମ ସମ୍ବିଧାନ ସଂଶୋଧନ ଦ୍ୱାରା ସମ୍ପତ୍ତିଗତ ଅଧିକାରକୁ ମୌଳିକ ଅଧିକାରକୁ ବାଦ୍ ଦିଆଯାଇଛି। ଫଳରେ ଏବେ ଭାରତର ନାଗରିକ ମାନେ ପୂର୍ବରୁ ଥିବା ୭ଟି ବଦଳରେ ଏବେ ୬ଟି ମୌଳିକ ଅଧିକାର ଉପଭୋଗ କରୁଛନ୍ତି। ରାଷ୍ଟ୍ରଦ୍ୱାରା ପ୍ରଦାନ କରାଯାଉଥିବା ମୌଳିକ ଅଧିକାର ଉପଭୋଗ କରିବା ସଙ୍ଗେ ସଙ୍ଗେ ନାଗରିକମାନେ ରାଷ୍ଟ୍ରପତି କେତେକ କର୍ତ୍ତବ୍ୟ ପାଳନ ପାଇଁ ଉଲ୍ଲେଖ କରାଯାଇଛି। ସମ୍ବିଧାନର ୪୨ ତମ ସମ୍ବିଧାନ ସଂଶୋଧନ ଆଇନ ୧୯୭୬ ଦ୍ୱାରା ଏହା ଯୋଡାଯାଇଛି। ସର୍ବମୋଟ ୧୧ ଗୋଟି ମୌଳିକ କର୍ତ୍ତବ୍ୟକୁ ୫୧(କ) ଧାରାରେ ଉଲ୍ଲେଖକରାଯାଇଛି । ତନ୍ମଧ୍ୟରୁ ସମ୍ବିଧାନ, ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ଦେବା, ଜାତୀୟ ସ୍ୱାଧୀନତା ସଂଗ୍ରାମର ଆଦର୍ଶକୁ ସଂରକ୍ଷଣ କରିବା, ଭାରତର ସାର୍ବଭୌମତ୍ୱ, ଏକତା ଓ ଅଖଣ୍ଡତାର ସୁରକ୍ଷା କରିବା, ଦେଶରକ୍ଷା ପାଇଁ ଜାତୀୟ ସେବା କରିବା ଓ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା ନିମନ୍ତେ ୬ ରୁ ୧୪ବର୍ଷର ଶିଶୁମାନଙ୍କୁ ବିଦ୍ୟାଳୟକୁ ପଠାଇବା ଇତ୍ୟାଦି..। ଇତି ମଧ୍ୟରେ ଆମ ସମ୍ବିଧାନ ତିଆରିର ୭୩ ବର୍ଷ ଅତିକ୍ରମ କରିଛି। ସମ୍ବିଧାନ କାର୍ଯ୍ୟକାରୀ ହେବା ଦିନଠାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମାନେ ଏହି ନୀତି ଗୁଡ଼ିକୁ ପ୍ରୟୋଗକରି ଅନେକ ସଫଳତା ହାସଲ କରିଛନ୍ତି। ଏହାଦ୍ୱାରା ଦେଶରେ ଅନେକ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ପରିବର୍ତ୍ତନ ଆସିଛି। ଭାରତୀୟ ସମ୍ବିଧାନର ନିର୍ମାତା ମାନେ ସଂଶୋଧନର ଆବଶ୍ୟକତା ପ୍ରତି ଅବଗତି ଥିଲେ। ତେଣୁ ସମ୍ବିଧାନରେ ହିଁ ତାର ସଂଶୋଧନ ପ୍ରଣାଳୀକୁ ଲିପିବଦ୍ଧ କରାଯାଇଛି। ସମ୍ବିଧାନ ପ୍ରଣୟନ ଦିନଠାରୁ ହିସାବକୁ ନେଲେ ବିଗତ ଦିନରେ ଭାରତୀୟ ସମ୍ବିଧାନ ୧୦୦ରୁ ଅଧିକ ଥର ସଂଶୋଧନ ହୋଇସାରିଛି। ଏହା ଗ୍ରହଣୀୟ ନୁହେଁ। କାରଣ ସୁପ୍ରିମ କୋର୍ଟଙ୍କ ମତରେ ସଂସଦ ସମ୍ବିଧାନର ମୌଳିକ ଢାଞ୍ଚାକୁ ସଂଶୋଧନ ବା ପରିବର୍ତ୍ତନ କରିପାରିବ ନାହିଁ। ତେଣୁ ଏଥି ପ୍ରତି ଆମ ସରକାର ସଜାଗ ରହିବା ଦରକାର।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**‘ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା’
କ୍ଷୀରବ୍ଧୀ ତନୟା ରମା ।’**



ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱେ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
(କ୍ରମଶଃ)

# ମାନପତ୍ର ମେଳା !



ଧ୍ରୁବଚରଣ ଘିବେଲା
ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

ଭାବ ବାବୁ ଭାରି ଭୋଳା ଲୋକ । ତାଙ୍କ ଭାବନାକୁ ତୁକେ କେମିତି ଯେ ନୂଆ ନୂଆ ଅଜବ ଭାବ । ସେ ଦିନେ ଭାବିଲେ ଲେଖାଲେଖି କଲେ ତ ଭଲ ହୁଅନ୍ତା । ଲେଖା ବି ବାହାରନ୍ତା ଏଠି ସେଠି । ନାଁ ବି ଅର୍ଜ୍ଜ ହୁଅନ୍ତା । ନାଁ କମେଇବାର ଏକ ସହଜ ପୁଣି ସୁନ୍ଦର ପଥ ହେବ ସାହିତ୍ୟ ଚାଷ କରିବା । ସାହିତ୍ୟ ଚାଷୀ ହେବା । ତାଙ୍କର ପାଖରେ ପୁଣି ରହିଛି ଅଜସ୍ର ଅର୍ଥ । ବେପାର ବଣିଜରେ ତ ନାଆଁ ରହିଛି । ସେଇ ନାଆଁ ଅପେକ୍ଷା ସାହିତ୍ୟରେ ନାଆଁ ଗୋଟେଇବା ନିଆରା । ସୁନ୍ଦର ଯେତିକି ସହଜ ତତୋଧିକ । ଏଇ ଭାବନା ମନରେ ବାନ୍ଧି, ଅଣ୍ଟା ଭିଡ଼ିଲେ ସେ ସାହିତ୍ୟରେ ଖଡ଼ିଛୁଆଁ ପର୍ବର ଆରମ୍ଭ କରିବା ପାଇଁ । ଜୀବନର ମଧ୍ୟାହ୍ନରେ ଏକ ନୂଆ ଇନିଙ୍ଗସ ଖେଳିବା ପାଇଁ । କ୍ରିକେଟ ଖେଳ ଭଳି ଉଭୟ ବ୍ୟାଟର ଓ ବୋଲର ଭୂମିକା ତୁଲାଇବେ । ଯେଉଁ ଭୂମିକା ଏଯାବତ କେହି କରିନଥିବେ ନା ଆଗକୁ କିଏ କରିପାରିବେ । ସ୍ଥାନୀୟ ସାମୟିକ ପତ୍ରିକା ପୃଷ୍ଠା ଦେହରେ ଲେଖାଲେଖିରୁ ଭାବବାବୁ ତାଙ୍କ ସାହିତ୍ୟରେ ଖଡ଼ିଛୁଆଁ ପର୍ବ ଆରମ୍ଭ କଲେ । ଆଖପାଖ ଅଞ୍ଚଳର ପତ୍ରପତ୍ରିକାକୁ ଲେଖା ଦେଲେ । ନବାଗତଙ୍କୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କ ଲେଖା ଛାପିଲେ ଲେଖାର ମାନ ଯାହାଥାଉ । ଏମିତି କୁହାବୋଲା କରି ଲେଖା କେଉଁଠି କେଉଁଠି ଲେଖାଇ ଚାଲିଲେ । ସହଯୋଗଭିତ୍ତିକ ପତ୍ରିକାରେ ତାଙ୍କ କିଛି ଲେଖା ଆସିଗଲା । ଲେଖା ଏମିତି ଆସିବା ଦେଖି ଭାବବାବୁ ଅଧିକ କୁତୁକୁତୁ ହେବା ସ୍ୱାଭାବିକ ଓ କୁତୁକୁତୁ ବି ହେଇଚାଲିଲେ । ତାଙ୍କୁ ଆହୁରି ଉତ୍ସାହିତ କରିବା ପାଇଁ କିଏ କିଏ ପୁରସ୍କାର ବି ଦେଲେ । ଏମିତି ବିନା କୁହାବୋଲାରେ କିଛି ଭଲ ଅନୁଷ୍ଠାନରୁ ଦୁଇ ତିନିଟା ପୁରସ୍କାର ପାଇଲେ । ତହିଁରେ ସେ ଖୁସି ହେବା ସ୍ୱାଭାବିକ । କେବଳ ଭାବବାବୁ କାହିଁକି, ଯେ କେହି ବି ଖୁସି ହେବେ ନିଶ୍ଚୟ କୌଣସି ସତ ସାହିତ୍ୟ ପୁରସ୍କାର ପ୍ରାପ୍ତିରେ ।

ଦୁର୍ଭାଗ୍ୟର କଥା ସେଇ ଗୋଟେ ଦି’ଟା ପୁରସ୍କାର ଭାବ ବାବୁଙ୍କୁ ସାହିତ୍ୟମନସ୍କ, ସାହିତ୍ୟ ଲେଖାଲେଖି ଦିଗରେ ଉତ୍ସାହିତ କରିବା ବଦଳରେ ତାଙ୍କୁ କେବଳ ପୁରସ୍କାରମନସ୍କ କଲା । ସେ ପାଞ୍ଚିଲେ କେମିତି ହାତେଇ ହେବ ଏଣୁ ଏଣିକି ଏଠୁ ସେଠୁ ଖାଲି ପୁରସ୍କାର । ତାଙ୍କ ଝୁଲାରେ ପଡ଼ିବ କେମିତି ସାହିତ୍ୟ ପୁରସ୍କାର । ପଇସାତ ହାତରେ ରହିଛି ପ୍ରଚୁର । ଏ ଦିଗରେ କିଛି ପୁଞ୍ଜି ଖଟାଇବେ । ଖର୍ଚ୍ଚ କରିବେ । ପ୍ରତି ବଦଳରେ ପଇସା ମିଳିନପାରେ । ସମ୍ମାନ ନିଶ୍ଚୟ ମିଳିବ । ଏମିତି ବିଚାର କରି ତାଙ୍କର ଗୋଟେ ପ୍ରଶଂସକ ଗୋଷ୍ଠି ତିଆରି କଲେ । ଗଢ଼ିଲେ ଆଗ ଗୋଟାଏ ସାହିତ୍ୟ ଅନୁଷ୍ଠାନ । ନିଜେ ବନିଗଲେ ପ୍ରତିଷ୍ଠାତା । ନିଜେ ହେଲେ ସଂସ୍ଥାର ସଂସ୍ଥାପକ । ନିୟନ୍ତ୍ରକ ଓ ସବୁକିଛି । ତା’ପରେ ଶହେରେ ଶହେ ଖେଳ ଖେଳି ଚାଲିଲେ ସାହିତ୍ୟର ସ୍ୱନକ୍ଷେତ୍ରରେ ଓ ବାହାର କଲେ ପତ୍ରିକାଟିଏ । ଅନୁଷ୍ଠାନର ଉତ୍ସବ ଆୟୋଜନ କଲେ । ବିଭିନ୍ନ ସାହିତ୍ୟ ଉତ୍ସବ କଲେ । ବାହାରୁ ଅତିଥିମାନଙ୍କୁ ଡାକିଲେ । ସାହିତ୍ୟ ମଞ୍ଚ ନିଜେ ଚଢ଼ିଲେ । ସେଇ ସାହିତ୍ୟ ମଞ୍ଚକୁ ବହିରାଗତ ଅତିଥିଙ୍କୁ ଚଢ଼ାଇଲେ । ସେଇମାନଙ୍କୁ ଅତିଥି କଲେ ଯିଏ ଯିଏ ତାଙ୍କ ଭଳିଆ ଅନୁଷ୍ଠାନ ଗଢ଼ିଛନ୍ତି ନିଜ ନିଜ ଆତ୍ମ ବିଜ୍ଞାପନ ପାଇଁ । ସାହିତ୍ୟ ସେବା ଯାହା ହେଉ, ଯେମିତି ହେଉ, ଆଗ ନିଜ ନାଆଁର ପ୍ରଚାର ହେଉ । ସେଇ ସମଧର୍ମାଙ୍କ ଗହଳ ଚହଳ ଆଜି ସାରା ରାଜ୍ୟରେ କାହିଁରେ କଣ ? ଯାହା ଯାହାକୁ ଡାକିଲେ, ସେମାନଙ୍କ ଅନୁଷ୍ଠାନକୁ ଚତୁର ଭାବବାବୁ ଅତିଥି ହୋଇ ଗଲେ । ସେମାନଙ୍କ ଅନୁଷ୍ଠାନରେ ମଞ୍ଚ ଚଢ଼ିଲେ । ଅତିଥି ସାଜିଲେ । ଏମିତି ଅତିଥି ବଦଳ ପ୍ରକ୍ରିୟାରେ ଲାଭବାନ ହେଲେ । ସେ ନେଇ ଖବର ବି ବାହାରିଲା । ତାକୁ କାଟି ସାଇତି ରଖିଲେ କାଳେ ସେ ଖବର କୌଣସି ଭଲ କାମରେ ଆଗକୁ ଆସିପାରେ।

‘ମୋ’ ଅନୁଷ୍ଠାନକୁ ଆସ, ତୁମ ଅନୁଷ୍ଠାନକୁ ମୁଁ ଯିବି’ ଏଇ ଧାରାର ପ୍ରାବଲ୍ୟତା ଆଜି ହେଉଛି ଦୃଷ୍ଟିଗୋଚର । ଅତିଥି ଅଦଳବଦଳ ଧାରା ଏଠି ପ୍ରତିଷ୍ଠିତ ହେଲା ଭଳି ‘ମୋ ପତ୍ରିକାରେ ତୁମ ଲେଖା, ତୁମ ପତ୍ରିକାରେ ମୋ ଲେଖା’ ଏ ଅଭିନବ ଚିନ୍ତାଶୀଳ ପ୍ରୟୋଗାତ୍ମକ ଧାରା ବି ବେଶ ପରିଲକ୍ଷିତ ହେଲାଣି । କେତେ ମନନଶୀଳ ଅନୁଚିନ୍ତା । ଏହା ଦ୍ୱାରା ଦ୍ୱିପାକ୍ଷିକ ସମ୍ପର୍କ ବି ପ୍ରତିଷ୍ଠିତ ରହୁଛି / ହେଉଛି, ସାହିତ୍ୟରେ ଏକ ଭିନ୍ନ ଏଜେଣ୍ଡା ବି କାର୍ଯ୍ୟକାରୀ ହେଉଛି । ସାହିତ୍ୟ କ୍ଷେତ୍ରରେ ‘ଚତୁରେ ଚତୁରେ କୋଳାକୋଳି’ ବେଶ ହେଲେଣି । ଏମାନଙ୍କ ହାଉଯାଉ ଆକାଶଛୁଆଁ ହେବାକୁ ବସିଲାଣି ଆଜି । ଅତିଥି ଅଦଳବଦଳ, ଲେଖା ଅଦଳବଦଳ (ମୋ’ ଲେଖା ତୁମ ପତ୍ରିକାରେ, ତୁମ ଲେଖା ମୋ’ ପତ୍ରିକାରେ ସ୍ଥାନିତ ହେବା ) ପ୍ରକ୍ରିୟାର ଜବରଦସ୍ତ ସଫଳତା ପରେ ପୁରସ୍କାର ଅଦଳବଦଳ ଧାରା ବି ପ୍ରଚଳିତ ହେଲାଣି । ଏବେ ‘ମୋତେ ପୁରସ୍କାର ଦିଅ, ତୁମେ ପୁରସ୍କାର ନିଅ’, ଏଇ ଅଭିନବ କୌଶଳ ସାହିତ୍ୟ ଅନୁଷ୍ଠାନ ସବୁରେ ଅବଲମ୍ବନ କରାଗଲାଣି । ଯେଉଁ ଅଭିଯୋଗ ସାହିତ୍ୟ କ୍ଷେତ୍ରରେ ଶୁଣାଯାଉଥିଲା, ଯେମିତି ଦେଇଥୋଇ ଅତିଥି ହେବା, ପୁରସ୍କାର ହାତେଇବା (ପୁରସ୍କାର କିଣିବା ) ଏଇ ଅଭିଯୋଗ ରହିବ ନାହିଁ ଅନ୍ତତଃ ଅଦଳବଦଳ ପ୍ରକ୍ରିୟାରେ । ପୁରସ୍କାର କିଣି ହୀନସ୍ତା ହେବେ କାହିଁକି ( ଅବଶ୍ୟ ଧରାପଡ଼ିଲେ ), ପୁରସ୍କାର ଅଦଳବଦଳକୁ ମନେକରାଯାଉଛି ଆଜି ନିରାପଦ । ସ୍ୱଚ୍ଛ ଓ ଏବେ ସୁନ୍ଦର ମାଧ୍ୟମ ସାଜିଛି ସେଇ ଅଦଳବଦଳ ଧାରା ସେଇ ତିନି ଫର୍ମାଟରେ ।

କି ସାଙ୍ଘାତିକ ବ୍ୟାପାର ! କି ଗଭୀର ଷଡଯନ୍ତ୍ର ! ଲେଖା ଛପାଇବା ନେଇ, ଅତିଥି ବନିବା ନେଇ, ପୁରସ୍କାର ହାତେଇବା ପାଇଁ । କି ଚତୁରତା, କି ବିଦ୍ୟା ବୁଦ୍ଧି, କି ତରିକା, ସବୁ ବିସ୍ମୟ ଲାଗେ । ସବୁଠି ଯେ ଏହା ହୁଏ / କରାଯାଏ, ଏହା କହିବା ସମ୍ପୂର୍ଣ୍ଣ ଠିକ ହୋଇନପାରେ । ହେଲେ ଏଥିରେ ସତ୍ୟତା ମଧ୍ୟ ରହିଛି, ଏ କଥା ଜୋର ଦେଇ ଏ ଲେଖକ କହିପାରେ । ଥୋକାଏ ପୁଣି ଏ କାରବାରରେ, ପୁରସ୍କାର ପାରିଧିରେ ରୀତିମତ ତଲ୍ଲୀନ ରହିଛନ୍ତି । ମାତିଛନ୍ତି କେଉଁ ଦୁର୍ବାର ଆକାଂକ୍ଷା ନେଇ କେଜାଣି ? ଏମିତି ପୁରସ୍କାର ହାତେଇ ମାନପତ୍ର ପ୍ରାପ୍ତ କରି ତାଙ୍କ ଯୋଜନାରେ ସଫଳ ହେଇଚାଲିଛନ୍ତି ଏଠି କିଛି ପୁରସ୍କାର କାଙ୍ଗାଳ । ମାନପତ୍ର ଲୋଭୀ ଓ ଏହା ବି ହୋଇପାରେ, ଲେଖା ସଂଖ୍ୟାଠୁ ମାନପତ୍ର ଅଧିକ ଥିବ କେତେକଙ୍କଠି । ତାଙ୍କ ଗୁପ୍ତ ଅଭିପ୍ରାୟ ଯେମିତି ହେଉ (କୁହାବୋଲା କରି ହେଉ, ସ୍ଥଳ ବିଶେଷରେ କିଣି କି ହେଉ ଅଥବା ଅଦଳବଦଳ ଧାରାରେ ହେଉ) ମାନପତ୍ର ଛିନ୍ଦିବେ ଏବଂ ନିଜେ ଗୋଟେ ଘରୋଇ ଭାବେ ମାନପତ୍ର ମେଳା କରିବେ । ଏଇ ଲକ୍ଷ୍ୟରେ ବୋଧେ ରହନ୍ତି ଆଜିର ଦିନରେ ସେଇ ମାନପତ୍ର ଗୋଟାଳିମାନେ ! ଖୋଦ ପ୍ରାୟୋଜିତ ପୁରସ୍କାର ପ୍ରାପକ ନିଜେ ଥାଆନ୍ତି ଦେବା – ନେବା ସଂସ୍ଥାର ସର୍ବେସର୍ବା ସଂସ୍ଥାପକ ଓ ମାଲିକ । ତାଙ୍କ ପାଇଁ ପୁରସ୍କାର ଦେବା ସହଜ, ଅନ୍ୟଠୁ ପୁରସ୍କାର ନେବା ବି ସହଜ ଥାଏ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**





## ଧର୍ମଶାଳା ମହୋତ୍ସବ ଉଦ୍‌ଯାପିତ

# ବିକାଶ ପାଇଁ ସାଂସ୍କୃତିକ ଜାଗରଣ ଆବଶ୍ୟକ : ଉଚ୍ଚଶିକ୍ଷାମନ୍ତ୍ରୀ

**ଧର୍ମଶାଳା,ନ୍ୟୁଜ୍‌ବ୍ୟୁରୋ**



ଧର୍ମଶାଳା ମାଟିର ସ୍ୱତନ୍ତ୍ରତା ରହିଛି। ଏ ମାଟି ବହୁ ଦକ୍ଷ ନେତା ସୃଷ୍ଟି କରିଛି। ଯେଉଁମାନେକି ବିକାଶକୁ ଆଗକୁ ନେଇଛନ୍ତି। ଓଡ଼ିଶା ଏବେ ସବୁ କ୍ଷେତ୍ରରେ ଆଗୁଆ। ଖାଦ୍ୟ ସୁରକ୍ଷାଠୁ ଆରମ୍ଭ କରି ସାଂସ୍କୃତିକ ଚେତନା ପର୍ଯ୍ୟନ୍ତ ଓଡ଼ିଶା ଆଗରେ ଥିବା ଧର୍ମଶାଳା ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା ଓ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରକାଶ କରିଛନ୍ତି। ବିକାଶ ପାଇଁ ସାଂସ୍କୃତିକ ଚେତନା, ସାଂସ୍କୃତିକ ଜାଗରଣ ଦରକାର। ଧର୍ମଶାଳା ମହୋତ୍ସବ ଏକ ନିଆରା ମହୋତ୍ସବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ କହିଲେ ଯେ ଭାଇଚାରା ସମ୍ପର୍କର ଏ ମହୋତ୍ସବ ଚଳିତ ବର୍ଷ ରୂପାନ୍ତରୀକରଣ ଆରମ୍ଭ କରି ସଫଳ ହୋଇଛି। ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିବାରୁ ନିଜର ଖୁସି ବ୍ୟକ୍ତ କରିଥିଲେ। ମହୋତ୍ସବ କମିଟି ସଭାପତି ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଉପସଭାପତି ଇନ୍ଦ୍ରମଣି ନାୟକ ସ୍ୱାଗତ ଭାଷଣ ଓ କୋଷାଧ୍ୟକ୍ଷ ସୁଦୀପ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସତ୍ୟପ୍ରିୟ ସ୍ୱାଇଁ ବିବରଣୀ ପାଠ କରିଥିଲେ। ଉତ୍ସବରେ ସାରଳା ପୁରସ୍କାର ପ୍ରାପ୍ତ ଧର୍ମଶାଳା ମାଟିରେ ପୁଅ କଥାକାର ଭୀମ ପୃଷ୍ଟି, ସାମ୍ବାଦିକ ଗୁଲାମଗସ୍, ସୀତାକାନ୍ତ ସାମଲ, ବିଶିଷ୍ଟ ଚାଷୀ ଅମୂଲ୍ୟ କୁମାର ରାଉତଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ସଭ୍ୟ କ୍ଷୀରୋଦ ମୁଦୁଲି ଧନ୍ୟବାଦ ଦେଇଥିଲେ। ୧୨ ଦିନ ବ୍ୟାପୀ ଅନୁଷ୍ଠିତ ଏହି ମହୋତ୍ସବର ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ କମିଟି ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସହ ସମ୍ପାଦକ ଆନନ୍ଦ ଚନ୍ଦ୍ର ନାୟକ, ସବ୍ୟସାଚୀ ସୁନ୍ଦରାୟ, ଅନିରୁଦ୍ଧ ରାଉତ, ରବିନ୍ଦ୍ର କୁମାର ସାହୁ, ପ୍ରଫୁଲ୍ଲ କୁମାର ସାହାଣୀ, ପ୍ରତାପ ପ୍ରଧାନ, ଅକ୍ଷୟ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧର୍ମଶାଳା ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ବାଲେଶ୍ୱରରୁ ଗଡ଼ିଲା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ପାଇଁ ସ୍ୱତନ୍ତ୍ର ରେଳ

**ବାଲେଶ୍ୱର,ନ୍ୟୁଜ୍**

ରାଜ୍ୟରେ ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କର ଆଧ୍ୟାତ୍ମିକ ଆକାଂକ୍ଷା ପୂରଣ ନିମନ୍ତେ ରାଜ୍ୟ ସରକାର ୨୦୧୬ ମସିହାରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରି ସେମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପ୍ରଦାନ କରିଆସୁଛନ୍ତି। ଏହି ଯୋଜନାରେ ୬୦ ରୁ ୭୫ ବର୍ଷ ବୟସ୍କ ନାଗରିକମାନଙ୍କୁ ଜାତି ଧର୍ମ ନିର୍ବିଶେଷରେ ଚୟନ କରାଯାଉଛି। ହିତାଧିକାରୀ ଚୟନ ନିମନ୍ତେ ଅନ୍ତ୍ୟୋଦୟ / ଅନ୍ନପୂର୍ଣ୍ଣା। କାର୍ଡ / ବିଧବା ଭତ୍ତା କାର୍ଡ / ଖାଦ୍ୟସୁରକ୍ଷା ରେସନ କାର୍ଡ / ମନରେଗା କାର୍ଡ ଇତ୍ୟାଦି ମଧ୍ୟରୁ ଯେ କୌଣସି ଗୋଟିଏ ଆର୍ଥିକ ଅନଗ୍ରସରତାର ପ୍ରମାଣ ପତ୍ର ଭାବରେ ଦରଖାସ୍ତ ସହ ଦାଖଲ କରିବାକୁ ପଡିଥାଏ ।

ଏହି ଯୋଜନା ଅନ୍ତର୍ଗତ ଶୁକ୍ରବାର ବାଲେଶ୍ୱର ରେଳ ଷ୍ଟେସନରୁ ଦିବା ଘ. ୧୨.୪୦ ମି ସମୟରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଆଦି ୫ ଟି ଜିଲ୍ଲାର ୯୭୦ ଜଣ ବରିଷ୍ଠ ତୀର୍ଥଯାତ୍ରୀ ଓ ସମ୍ମିଳିତ ଜିଲ୍ଲାଗୁଡିକର ୩୦ ଜଣ ଏସ୍କର୍ଟ ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ରେଳ ଉଜ୍ଜୟିନ ଓ ଓଁକାରେଶ୍ୱର ତୀର୍ଥସ୍ଥାନକୁ ଯାତ୍ରା କରିଛି ଓ ଏହି ତୀର୍ଥଯାତ୍ରା ନିମନ୍ତେ ଚୟନ ହୋଇଥିବା ଯାତ୍ରୀମାନେ ଗତ ୪ ତାରିଖରେ ଜିଲ୍ଲା ପ୍ରଶାସନମାନଙ୍କର ସହାୟତାରେ ନିଜ ଗ୍ରାମରୁ ସଦର ମହକୁମା ଏବଂ ସେଠାରୁ ବାଲେଶ୍ୱରର ପଦ୍ମାବତୀ ପାର୍କକୁ ଅପରାହ୍ନ ଘ.୨ ଟା ସମୟରେ ଆସି ପହଞ୍ଚିବା ପରେ ସେଠାରେ ସେମାନଙ୍କର ପଞ୍ଜିକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଭବ୍ୟ ସ୍ୱାଗତ କରାଯାଇଥିଲା ଓ ସରକାରୀ ଭାବେ ସେମାନଙ୍କର ରହଣି, ଖାଦ୍ୟପାନୀୟ ଆଦିର ବ୍ୟବସ୍ଥା ସହ ଆମୋଦ ନିମନ୍ତେ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା ଓ ଶୁକ୍ରବାର ପ୍ରତ୍ୟୁଷରୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ବ୍ୟବସ୍ଥାରେ ସେମାନଙ୍କୁ ରେଳ ଷ୍ଟେସନ ଅଣାଯାଇ ପାରମ୍ପରିକ ନୃତ୍ୟ ଗୀତ ଆଦି ମାଧ୍ୟମରେ ଷ୍ଟେସନ ପ୍ରବେଶ କରାଯାଇଥିଲା ଓ ଆଇ.ଆର.ସି.ଟି.ସି. ତରଫରୁ ଫୁଲ, ଚନ୍ଦନ ଓ ମାଳା ଦେଇ ସେମାନଙ୍କୁ ସ୍ୱାଗତ କରାଯାଇଥିଲା ଓ ପ୍ରବେଶ ସ୍ଥଳରେ ସେମାନଙ୍କୁ ଯାତ୍ରାର ଟିକେଟ୍ ଏବଂ ଆବଶ୍ୟକୀୟ ସାମଗ୍ରୀ ଥିବା କିଟ୍ ପ୍ରଦାନ କରାଯାଇଥିଲା ଓ ଆଇ.ଆର.ସି.ଟି.ସି. ଦ୍ୱାରା ଯାତ୍ରା ସମୟରେ ସମସ୍ତ ତୀର୍ଥଯାତ୍ରୀମାନଙ୍କର ରହିବା, ଯିବା ଆସିବା, ଖାଦ୍ୟପାନୀୟରେ ବ୍ୟବସ୍ଥା ସହ ଗସ୍ତ ଜଗୁଆଳି, ପଥପ୍ରଦର୍ଶକ, ଯାତ୍ରୀ ବୀମା ଏବଂ ଚିକିତ୍ସା ସୁବିଧା ମଧ୍ୟ ଯୋଗାଇ ଦିଆଯାଇଛି ଓ ଏହି ଯାତ୍ରା ନିମନ୍ତେ ବାଲେଶ୍ୱର ରେଳ ଷ୍ଟେସନର ୧ ନମ୍ବର ପ୍ଲାଟ୍‌ଫର୍ମରେ ଲାଗିଥିବା ସ୍ୱତନ୍ତ୍ର ତୀର୍ଥଯାତ୍ରା ରେଳ ନିକଟରେ ଏକ ସଭାର ଆୟୋଜନ କରାଯାଇଥିଲା।

ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଯୋଜନା ଅନ୍ତର୍ଗତ ସାଂସ୍କୃତିକ ତଥା ଧାର୍ମିକ ତୀର୍ଥକୁ ପ୍ରୋତ୍ସାହିତ କରିବାର ମହତ୍ତ୍ୱ ଉପରେ ଆଲୋକପାତ କରିବା ସହିତ ତୀର୍ଥଯାତ୍ରାରେ ଅଂଶଗ୍ରହଣ କରିଥିବା ବରିଷ୍ଠ ନାଗରିକଙ୍କ କଲ୍ୟାଣ ଉପରେ ଏହାର ସକାରାତ୍ମକ ପ୍ରଭାବ ପକାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓ.ଟି.ଡି.ସି ଅଧ୍ୟକ୍ଷ ଲେନିନ ମହାନ୍ତି ଏହି ପବିତ୍ର ତୀର୍ଥଯାତ୍ରାର ସଫଳତା କାମନା କରିବା ସହ ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ୨୦୧୬ ମସିହାରୁ ଆୟୋଜିତ ହୋଇ ଆସୁଥିବା ଏହି ଯୋଜନା ଅନ୍ତର୍ଗତ ଉପକୃତ ହୋଇଥିବା ବରିଷ୍ଠ ନାଗରିକମାନଙ୍କ ଆଶା ପୂରଣ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ଓ ଏଥି ସହିତ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ରାଜ୍ୟ ସରକାର, ପର୍ଯ୍ୟଟନ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମକୁ ପ୍ରଶଂସା କରିଥିଲେ ଓ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନର ଦକ୍ଷ ଓ ପ୍ରଭାବଶାଳୀ ସମନ୍ୱୟ ଦ୍ୱାରା ଏହି କାର୍ଯ୍ୟ୍ୟକ୍ରମର ସଫଳ ରୂପାୟନ ସମ୍ଭବ ହୋଇ ପାରିଛି ବୋଲି ମତ ପ୍ରକାଶ କରିଥିଲେ।

# ରାଜା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଧାମନଗର,ନ୍ୟୁଜ୍‌ବ୍ୟୁରୋ**



ଧାମନଗର ବ୍ଲକ୍ ଅନ୍ତର୍ଗତ ଫଳପୁର ଠାରେ ରବିବାର ପଞ୍ଚମ ବର୍ଷ ରାଜା ସ୍ମାରକୀ କ୍ରିକେଟ ଖେଳ ଉଦ୍‌ଘାଟିତ ହୋଇଯାଇଛି। ସମାଜ ସେବୀ କ୍ଷୀରୋଦ ଚନ୍ଦ୍ର ମହାନ୍ତି ଏହି ଖେଳକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, ଯୁବନେତା ବିଶ୍ୱଜିତ ସାହୁ, କୁମାରେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ମାନସ ରଞ୍ଜନ ପାଢୀ ବେଦପାଠ କରିଥିଲେ। ଏହି କ୍ରିକେଟ ଖେଳ ଗାନ୍ଧୀଜୀ କ୍ଲବ ଭଦ୍ରକ ଓ ବିଏମ୍‌ଏସ୍‌ଏସ୍ ଯାଜପୁର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଭଦ୍ରକ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୭୯ ରନ କରିଥିବା ବେଳେ ଜବାବରେ ଯାଜପୁର ୧୭ ଓଭରରେ ୭ ଉଇକେଟ ହରାଇ ୧୮୪ ରନ କରି ବିଜୟ ଲାଭ କରିଥିଲା। ଉତ୍ତମ ମହାନ୍ତି ଓ ସତ୍ୟଜିତ ସାହୁ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ସ୍ୱୟଂ ପ୍ରକାଶ ବିଶ୍ୱାଳ, ଶୁଭମ ଖଟୁଆ, ସୁବ୍ରତ ଦାସ, କୁମାରେସ ମହାନ୍ତି ଥିବା ବେଳେ ମନୋରଞ୍ଜନ ବିଶ୍ୱାଳ ଧାରା ବିବରଣୀ ପ୍ରଦାନ କରିଥିଲେ।

## ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ୟୁନିଅନ୍ ସ୍ପୋର୍ଟିଂ କଟକ ଚାମ୍ପିଅନ୍

**ଯାଜପୁର,ନ୍ୟୁଜ୍‌ବ୍ୟୁରୋ**




ମୁକୁଟ ବିହୀନ ସମ୍ରାଟ ସ୍ୱର୍ଗତ ଅଶୋକ ଦାସଙ୍କ ଶ୍ରାଦ୍ଧ ଦିବସ ଉଦ୍ଦେଶ୍ୟରେ ଜିଲ୍ଲା କ୍ରିକେଟ୍ ଆସୋସିଏସନ ଓ ମେଲବୋର୍ଣ୍ଣ କ୍ରିକେଟ କ୍ଲବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଯାଜପୁର ବ୍ଲକ୍ ନାଥ ସାହି ପଞ୍ଚାୟତର ନୂଆପଡ଼ା ଖେଳପଡ଼ିଆରେ ଅନ୍ତିମ ଦିବସର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ରବିବାରର ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ୟୁନିଅନ୍ ସ୍ପୋର୍ଟିଂ କଟକ ଓ ରାଇଜିଂ ଷ୍ଟୁଡ଼େଣ୍ଟ, କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ରାଇଜିଂ ଷ୍ଟୁଡ଼େଣ୍ଟ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ରାଇଜିଂ ଷ୍ଟୁଡ଼େଣ୍ଟ କଟକ ନିର୍ଦ୍ଧାରିତ ୨୫ ଓଭର ମଧ୍ୟରୁ ମାତ୍ର ୨ଓଭର ଖେଳି ୬ରନ୍ ସଂଗ୍ରହ ୨ୱିକେଟ୍ ହରାଇଥିଲେ। ଏହାପରେ ରାଇଜିଂ ଷ୍ଟୁଡ଼େଣ୍ଟ, କଟକ ବିପରୀତ ଟିମ୍ ୟୁନିଅନ୍ ସ୍ପୋର୍ଟିଂଙ୍କୁ ସମ୍ମୁଖୀନ କରିବା ପାଇଁ ଅସମର୍ଥ ହେବାରୁ ରାଇଜିଂ ଷ୍ଟୁଡ଼େଣ୍ଟ କିଛି କୁହାଯାଉଥିବା ବରିଷ୍ଠ ଖେଳାଳି ପଡ଼ିଆ ମଧ୍ୟରେ ବିଶୃଙ୍ଖଳା କରିବା ସହ ଖେଳିବାକୁ ଅସମର୍ଥ ହୋଇଥିଲେ। ଆଜିର ଫାଇନାଲ୍ ମ୍ୟାଚ୍ ବହୁ ଚର୍ଚ୍ଚିତ ମ୍ୟାଚ୍ ହୋଇଥିବା ବେଳେ ହଜାର ହଜାର ଦର୍ଶକ ଖେଳ ଦେଖିବା ପାଇଁ ବହୁ ଦୁରଦୁରାନ୍ତରରୁ ଆସି ଖେଳକୁ ଉପଭୋଗ କରିବାକୁ ଆସିଥିବା ବେଳେ ଏହିପରି କିଛି ବିଶୃଙ୍ଖଳିତ ଖେଳାଳିଙ୍କ ପାଇଁ ଲୋକଙ୍କ ଆଶା ଓ ଭରସା ତୁଟି ଯାଇଥିଲା। ଯାହା ଦ୍ୱାରା ଫାଇନାଲ୍ ମ୍ୟାଚ୍‌ରୁ ରାଇଜିଂ ଷ୍ଟୁଡ଼େଣ୍ଟ ଖେଳିବାକୁ ଅସମର୍ଥ ହୋଇ ଭୟରେ ଖେଳରୁ ଓହରିଯାଇଥିଲା। ଶେଷରେ ୟୁନିଅନ୍ ସ୍ପୋର୍ଟିଂ କଟକକୁ ରବିବାରର ଫାଇନାଲ୍ ମ୍ୟାଚ୍‌ର ଚାମ୍ପିୟନ୍ ଭାବେ ବିବେଚିତ କରାଯାଇଥିଲା। ଏହି ମ୍ୟାଚ୍‌ରେ ଚାମ୍ପିୟନ୍ ଦଳକୁ ଓଡ଼ିଶା କ୍ରିକେଟ ଆସୋସିଏସନର ଟେକ୍‌ନିକାଲ ଡ଼ାଇକ୍ଟେର ଭେଙ୍କଟ୍ ରାମ, ପ୍ରଫେସର ବଟକୃଷ୍ଣ ମହାପାତ୍ର, ଜିଲ୍ଲା କ୍ରିକେଟ ଆସୋସିଏସନ ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହ ସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ଉପସଭାପତି ପଦାରବିନ୍ଦ ପରିଡ଼ା ପୁରସ୍କୃତ କରିଥିଲେ। ଏହି ମ୍ୟାଚ୍‌ରେ ବରିଷ୍ଠ ବିଜେଡ଼ି ନେତା ତୁଷାରକାନ୍ତ ପରିଡ଼ା, ଯାଜପୁର ପୌରପାଳିକାର ନଗର ବିଜେଡ଼ି ସଭାପତି ମନୋଜ ସାହୁ, କାଉନ୍‌ସିଲର ସୁବାଶିଷ ରାଉତ, ପାର୍ଥସାରଥୀ ବେହେରା, ଉମା ସିଂ, ସଞ୍ଜୟ ବେହେରା, ମନୋଜ ପତି, ସୁଶାନ୍ତ ସିଂହ, ଅୟସ କାନ୍ତ ଧଳ, ଶ୍ରୀଜୟ ମହାପାତ୍ର, ଦିବାକର କର, ଜ୍ଞାନ ଘଡ଼େଇ ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ମ୍ୟାଚ୍‌କୁ ଶାରଦା ମହାପାତ୍ର, ରଞ୍ଜନ ମହାନ୍ତି ଅମ୍ପାୟାର ଭାବେ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଶୁଭ୍ରାଂଶୁ ବେହୁରିଆ, ସ୍ୱସ୍ତିକ ପହି ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କୃଷି, ଏମ୍‌ଏସ୍‌ଏମ୍‌ଇ...

ସଢେଇପାଲ୍ଲୀ ଏସ୍‌ବିଆଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପାଇଛନ୍ତି। ସେହିପରି ମହିଳା ଏସ୍‌ଏଚ୍‌ଜିଙ୍କୁ ଋଣ ପ୍ରଦାନ ଲାଗି ୟୁକୋ ବ୍ୟାଙ୍କ ଭୋଗରାଇ ଶାଖା, ଏସ୍‌ବିଆଇ ସାଲେପୁର ଓ ଏଡିବି କଟକ ଏବଂ ସୁନ୍ଦରଗଡ଼ ସଢ଼େଇପାଲ୍ଲୀର ଏସ୍‌ବିଆଇ ଶାଖା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ହାସଲ କରିଛନ୍ତି। ଏହାବ୍ୟତୀତ ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ୟାଙ୍କ ଭାବେ କୃଷି ପାଇଁ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ, ଏମ୍‌ଏସ୍‌ଏମ୍‌ଇ ପାଇଁ ଏସ୍‌ବିଆଇ, ମହିଳା ଏସ୍‌ଏଚ୍‌ଜିଙ୍କୁ ଋଣ ପାଇଁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର କର୍ତ୍ତୃପକ୍ଷଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ସେହିପରି ୨୦୨୧-୨୨ ପାଇଁ କୃଷିରେ ଖୋର୍ଦ୍ଧା, ଏମ୍‌ଏସ୍‌ଏମ୍‌ଇ ପାଇଁ କଟକ, ମହିଳା ଏସ୍‌ଏଚ୍‌ଜି ପାଇଁ ବାଲେଶ୍ୱରକୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଲ କୁମାର ଦେବ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିତ୍ତୀୟ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଜ୍ଞାସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଅନୁ ଗର୍ଗ, କୃଷି ବିଭାଗ ପ୍ରମୁଖ ସଚିବ ଡଃ ଅରବିନ୍ଦ କୁମାର ପାଢୀ, ଏମ୍‌ଏସ୍‌ଏମ୍‌ଇ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ମିଶନ୍ ଶକ୍ତି ବିଭାଗ ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ୍, ଆରବିଆଇ ଆଞ୍ଚଳିକ ନିର୍ଦ୍ଦେଶକ ଶାରଦା ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### କଳାମଣ୍ଡଳ ସମ୍ମିଳନୀ...

ସ୍ଥିର କରାଯାଇଥିଲା । କ୍ୟାମ୍ପସରେ ଅଧିକ ଗଛ ଲଗାଇ ଏହାକୁ ସବୁଜ ସୁନ୍ଦର କରିବା ତଥା ବିଭିନ୍ନ ପରିବେଶ ଅନୁକୂଳ ଜିନିଷ ବ୍ୟବହାର କରିବା ପାଇଁ ଶ୍ରୀ ପାଣ୍ଡିଆନ ପରାମର୍ଶ ଦେଇଥିଲେ। ୫-ଟି ଅଧ୍ୟକ୍ଷଙ୍କ ଏହି ଗସ୍ତ ସମୟରେ ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ, ଭୂପିନ୍ଦର ସିଂ ପୁନିଆ , ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ, ନିର୍ଦ୍ଦେଶକ ଦିଲୀପ ରାଉତରାୟ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ପ୍ରବଳ ଶୀତ...

ବିଦ୍ୟାଳୟରେ ସକାଳ ୮ଟା ପୂର୍ବରୁ ଏବଂ ସନ୍ଧ୍ୟା ୫ ଟା ପରେ କ୍ଲାସ ହେବ ନାହିଁ । ସୂଚନା ଥାଉକି ଶୀତ ଯୋଗୁ ଦିଲ୍ଲୀରେ ଜାନୁଆରୀ ୧ ତାରିଖରୁ ୮ ତାରିଖ ଯାଏ ସ୍କୁଲ ଛୁଟି ଘୋଷଣା କରାଯାଇଥିଲା।

### ୧୩ରେ ବିହାରରୁ...

ବିଜେପି ବ୍ୟାପକ ଯୋଜନା ପ୍ରସ୍ତୁତ କରିଛି ଏବଂ ସମସ୍ତ ୪୦ଟି ଆସନରେ ବିଜୟ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଜାନୁଆରୀ ଓ ଫେବ୍ରୁଆରୀ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହା ଏବଂ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ବିହାରରେ ଅନେକ ରାଲିକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ଜାନୁଆରୀ ୧୫ ପରେ ପ୍ରଚାର କଟକଣା ହଟିବା ପରେ ପ୍ରମୁଖ ରାଲି ହେବାର ସମ୍ଭାବନା ରହିଛି। ପ୍ରଧାନମନ୍ତ୍ରୀ ମୋଦି ଜାନୁଆରୀରେ ରାଜ୍ୟର ବେଗୁଲସରାଇ, ବେତିଆ ଏବଂ ଔରଙ୍ଗାବାଦରେ ତିନିଟି ରାଲିକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଜାନୁଆରୀ ଓ ଫେବ୍ରୁଆରୀ ମାସରେ ଗୃହମନ୍ତ୍ରୀ ଅମିତ ଶାହା ସୀତାମାଢ଼ି, ମଧେପୁରା ଓ ନାଲନ୍ଦାରେ ସମାବେଶକୁ ସମ୍ବୋଧିତ କରିବେ। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଅନେକ ସ୍ଥାନରେ, ବିଶେଷକରି ସୀମାଞ୍ଚଳ ଏବଂ ବିହାରର ପୂର୍ବାଞ୍ଚଳରେ ରାଲି କରିବେ। ବିହାର ରାଜନୀତିରେ ପରିବର୍ତ୍ତନ ଦେଖିବାକୁ ମିଳିଥିବା ବେଳେ ବିଜେପି ଏବେ ବିରୋଧୀ ଦଳରେ ଥିବା ବେଳେ ଜନତା ଦଳ-ୟୁନାଇଟେଡ ମହାମେଣ୍ଟ ସରକାରରେ ସାମିଲ ହୋଇଛି।

### ୯ରେ ମାଲକାନଗିରି ...

ପ୍ରଶଂସା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏକଦା ମାଓବାଦୀଙ୍କ ଗଡ଼ ଥିବା ମାଲକାନଗିରି ଜିଲ୍ଲା ଆଜି ରକ୍ତପାତର ଆତଙ୍କରୁ ବାହାରି ରୂପାନ୍ତରଣ ନୂଆ ଅଧ୍ୟାୟ ଲେଖିବାକୁ ଯାଉଛି । ଗତ ୨୦୧୮ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଭିମାନ ଅଞ୍ଚଳରେ ଗୁରୁପ୍ରିୟା ସେତୁର ଉଦ୍‌ଘାଟନ କରିବା ପରେ ସ୍ଥାନୀୟ ଲୋକେ ଆର୍ଥିକ ଓ ସମାଜିକ ବିକାଶର ନୂଆ ପରିଭାଷା ଜାଣିଲେ। ଓଡ଼ିଶାର ଅତ୍ୟନ୍ତ ପଛୁଆ ଅଞ୍ଚଳ ଭାବେ ଜଣାଶୁଣା ମାଲକାନଗିରି ଆଜି ସଫଳତାର ପାହାଚ ଅତିକ୍ରମ କରିବାରେ ଲାଗିଛି। ଏପରିସ୍ଥଳେ ବିମାନ ସେବା ଆରମ୍ଭ ହେବା ଜିଲ୍ଲା ପାଇଁ ବଡ଼ ଉପଲବ୍ଧି ବୋଲି କୁହାଯାଉଛି। ହସ୍ତଗତ ହୋଇଥିବା ସୂଚନା ଅନୁସାରେ ଯାତ୍ରୀବାହୀ ବିମାନ ସେବା ଆରମ୍ଭ ପାଇଁ ମାଲକାନଗିରି ବିମାନବନ୍ଦରରେ ସମସ୍ତ କାର୍ଯ୍ୟ ପ୍ରାୟ ଶେଷ ହୋଇଛି । ଏଠାରେ ୧୫୦୦/୩୦ ମିଟର ରନୱେ, ପାଚେରୀ, ଏଟିସି ଟାୱାର, ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ସରିଛି । ପ୍ରଥମ ପର୍ଯ୍ୟାୟରେ ଏଠାରୁ ୯ ଆସନ ବିଶିଷ୍ଟ ବିମାନ ସେବା ଆରମ୍ଭ ହେବାର ସମ୍ଭାବନା ଅଛି ଏବଂ ପରବର୍ତ୍ତୀ ସମୟରେ ବଡ଼ ବିମାନ ଚଳାଚଳ କରିବ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ପକ୍ଷରୁ ମାଲକାନଗିରି ବିମାନବନ୍ଦର କାର୍ଯ୍ୟକ୍ଷମ କରିବା ଲାଗି ସମସ୍ତ ବୈଷୟିକ ସହାୟତା ପ୍ରଦାନ କରାଯାଉଛି। ଚଳିତ ବର୍ଷ ମେ’ ମାସରେ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ମାଲକାନଗିରି ଗସ୍ତ ସମୟରେ କୋଟେଲଗୁଡ଼ା ଠାରେ ଥିବା ଏହି ବିମାନବନ୍ଦରର ସମ୍ପ୍ରସାରଣ କାର୍ଯ୍ୟ ଅନୁଧ୍ୟାନ କରିବା ସହିତ ଜାନୁଆରୀ ମାସ ସୁଦ୍ଧା କାମ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଭୁବନେଶ୍ୱର, ଝାରସୁଗୁଡ଼ା, ଜୟପୁର, ଉତ୍‌କେଲା, ରାଉରକେଲା ପରେ ମାଲକାନଗିରି ବିମାନ ଉଡ଼ାଣ ସୂଚୀରେ ସାମିଲ ହେବାକୁ ଯାଉଛି। ମାଲକାନଗିରି ଭଳି ଉପାନ୍ତ ଜିଲ୍ଲାକୁ ବିମାନ ସେବା ଆରମ୍ଭ ହେଲେ ସେଠାରେ ଲୋକଙ୍କ ସାମାଜିକ ଓ ଆର୍ଥିକ ବିକାଶ ତ୍ୱରାନ୍ୱିତ ହେବ। ପୁଞ୍ଜିନିବେଶ ସୁଯୋଗ ସୃଷ୍ଟି ହେବା ସହ ଲୋକଙ୍କୁ କର୍ମନିଯୁକ୍ତି ମିଳିବ।

### ମୋଦିଙ୍କ ବିରୋଧରେ ...

ଗନ୍ଧବାହାରେ ବୋଲି ସେ ଲେଖିଥିଲେ। ଏହାକୁ ନେଇ ବିବାଦ ହେବା ପରେ ସେ ନିଜର ଟୁଇଟ ଡିଲିଟ କରିଦେଇଥିଲେ। ସେହିପରି ଅନ୍ୟ ଦୁଇ ମନ୍ତ୍ରୀ ବି ଭାରତ ବିରୋଧରେ ବୟାନ ଦେଇଥିଲେ। ଏହାକୁ ନେଇ ବଡ଼ ବିବାଦ ହେବା ପରେ ଭାରତରେ ପ୍ରବଳ ପ୍ରତିକ୍ରିୟା ଦେଖାଦେଇଛି । ହଜାର ହଜାର ଭାରତୀୟ ମାଲଦ୍ୱୀପ ଗସ୍ତକୁ ବାତିଲ କରିଦେଇଛନ୍ତି । ଏହାକୁ ନେଇ ମାଲଦ୍ୱୀପ ସରକାରଙ୍କ ଚିନ୍ତା ବଢିଯାଇଛି। ଭାରତ ସହ ସମ୍ପର୍କ ରକ୍ଷା ପାଇଁ ମାଲଦ୍ୱୀପ ସରକାର ଏହି ୩ ମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

### ସଂସଦ ରତ୍ନ ...

ତାରିଖ ଦିନ ଦିଲ୍ଲୀରେ ଅନୁଷ୍ଠିତ ଏକ ସମାରୋହରେ ସମ୍ବର୍ଦ୍ଧିତ କରାଯିବ।ସଂସଦ ରତ୍ନ ପୁରସ୍କାର ଉତ୍କୃଷ୍ଟ ପ୍ରଦର୍ଶନକାରୀ ସାଂସଦଙ୍କୁ ପ୍ରଦାନ କରାଯାଇଥାଏ । ଲୋକସଭା କାର୍ଯ୍ୟକାଳରେ ପ୍ରଦର୍ଶନର ନିରନ୍ତରତା ନିମନ୍ତେ ୫ ବର୍ଷରେ ଥରେ ଏହି ପୁରସ୍କାର ପ୍ରଦାନ କରାଯାଏ। ଚେନ୍ନାଇସ୍ଥିତ ଏନଜିଓ ପ୍ରାଇମ ପଏଣ୍ଟ ଫାଉଣ୍ଡେସନ ପୂର୍ବତନ ରାଷ୍ଟ୍ରପତି ଡା.ଏ.ପି.ଜେ.ଅବ୍ଦୁଲ କଲାମଙ୍କ ପରାମର୍ଶରେ ଏହି ପୁରସ୍କାର ଆରମ୍ଭ କରିଥିଲେ। ୨୦୧୦ ମସିହାରେ ପ୍ରଥମେ ଏହି ପୁରସ୍କାର ବିତରଣ ଚେନ୍ନାଇରେ ଅନୁଷ୍ଠିତ ହୋଇଥିଲା। ପ୍ରାଇମ ପଏଣ୍ଟ ଫାଉଣ୍ଡେସନର ସଂସ୍ଥାପକ ତଥା ଅଧ୍ୟକ୍ଷ କେ.ଶ୍ରୀନିବାସନ କହିଛନ୍ତି ଯେ ଏହି ପୁରସ୍କାର ବ୍ୟାପକ ପ୍ରଦର୍ଶନ ଉପରେ ଆଧାରିତ। ଯେଉଁଥିରେ ସାଂସଦଙ୍କ ମନୋନୟନ ଆଇନ ମନ୍ତ୍ରୀ ଓ ସଂସଦୀୟ ବ୍ୟାପାର ରାଜ୍ୟମନ୍ତ୍ରୀ ଅର୍ଜୁନ ରାମ ମେଘାବାଲ ଓ ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଟି.ଏସ. କୃଷ୍ଣମୂର୍ତ୍ତିଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି କରିଛନ୍ତି। ସାଂସଦମାନଙ୍କ କାର୍ଯ୍ୟ ଓ ପ୍ରଦର୍ଶନର ତଥ୍ୟ ଲୋକସଭା ଓ ରାଜ୍ୟସଭା ୱେବସାଇଟ ଏବଂ ପିଆରଏସ ଲେଜିସଲେଟିଭ ରିସର୍ଚ୍ଚରୁ ପ୍ରାପ୍ତ କରାଯାଇଛି । ଭାରତରେ ସାଂସଦଙ୍କୁ କୌଣସି ସାମାଜିକ ସଂଗଠନ ଦ୍ୱାରା ସମ୍ମାନୀତ କରାଯିବାରେ ଏହା ଏକମାତ୍ର ପୁରସ୍କାର।

### ଲକ୍ଷ୍ୟ ହାସଲ ...

ହଟାଇବା, ଆମର ବନ୍ଧକମାନଙ୍କୁ ଫେରାଇ ଆଣିବା ଏବଂ ଗାଜା ଆଉ ଇସ୍ରାଏଲ ପାଇଁ ବିପଦ ସୃଷ୍ଟି କରିବ ନାହିଁ ବୋଲି ଆଇଡିଏଫ୍‌କୁ ଯୁଦ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଭଳି ପରିସ୍ଥିତିରେ ଆମେ ସମସ୍ତ ଲକ୍ଷ୍ୟ ହାସଲ ନକରିବା ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ହେବା ଉଚିତ ନୁହେଁ। ଇସ୍ରାଏଲ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆମେ ହମାସକୁ କୌଣସି ପରିସ୍ଥିତିରେ ସମୟ ଦେବୁ ନାହିଁ ଏବଂ ହମାସର ସମସ୍ତ ଚିହ୍ନ ଲିଭାଯିବା ପର୍ଯ୍ୟନ୍ତ ଆମେ ଯୁଦ୍ଧ କରିବୁ। ସେ ଆହୁରି ମଧ୍ୟ କହିଛନ୍ତି ଯେ ସମ୍ପୂର୍ଣ୍ଣ ବିଜୟ ପର୍ଯ୍ୟନ୍ତ ଆମେ ଏକଜୁଟ ହୋଇ ହମାସକୁ ସାମ୍ନା କରିବା ଆବଶ୍ୟକ। ଆମର ସୈନିକମାନେ ହମାସ ବିରୁଦ୍ଧରେ ସମ୍ପୂର୍ଣ୍ଣ ବିଜୟ ପାଇଁ ପ୍ରସ୍ତୁତ।

### ଓଡ଼ିଶାରେ...

**ସେମାନଙ୍କ ଅବସ୍ଥା ଅନୁଭବ ପୂର୍ବକ ତାହାକୁ ନୂତନ ରୂପ ପ୍ରଦାନ ପୂର୍ବକ କଳାକର ମେନ୍‌ସନ ସଂଖ୍ୟା ବଢାଇବା ସହିତ ପ୍ରତ୍ୟେକ କଳାକାରମାନଙ୍କୁ ପାଞ୍ଚଶହ ଓ ପରବର୍ତ୍ତୀ କାଳରେ ପ୍ରତ୍ୟେକ ଦୁଃସ୍ଥ ପଚାଶ ହଜାର କଳାକାରମାନଙ୍କୁ ବାରଶହ ଟଙ୍କା ହାରରେ ପେନ୍‌ସନ୍ ପ୍ରଦାନ କରୁଛନ୍ତି ।**

କହିବା ବାହୁଲ୍ୟ ଏପରି ପେନସନ ପ୍ରଦାନ ପ୍ରକ୍ରିୟା ଦେଶର କୌଣସି ରାଜ୍ୟରେ ଦେଖାଯାଏ ନାହିଁ । ପେନ୍‌ସନ୍ ସହିତ ବିଭିନ୍ନ ବର୍ଗର କଳାକାରମାନଙ୍କୁ ବଞ୍ଚାଇ ରଖିବା ପାଇଁ, ବ୍ଲକ କଳାର ସଂଘ, ନଗର କଳାକାର ସଂଘ, ଜିଲ୍ଲା କଳାକାର ସଂଘ ଓ ରାଜ୍ୟ କଳାକାର ସଂଘ ଗଠନ ପୂର୍ବକ, କଳାକାର ଦଳମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷିର ଉପଯୋଗିତା ସମ୍ପର୍କରେ ପ୍ରୟୋଗ କରିବା ଫଳରେ ସେମାନେ ପୁନର୍ଜୀବନ ଲାଭ କରି ନିଜ କଳା ସଂସ୍କୃତିକୁ ବଞ୍ଚାଇ ରଖିବାରେ ସକ୍ଷମ ହୋଇପାରିଛନ୍ତି । ନବୀନ ବାବୁଙ୍କ ଯୋଜନା କେବଳ ଲୋକକଳା ମଧ୍ୟରେ ସୀମିତ ରହିଯାଇ ନାହିଁ, ସାହିତ୍ୟ, ସଙ୍ଗୀତ, ନୃତ୍ୟ, ନାଟକ ପ୍ରତ୍ୟେକ କ୍ଷେତ୍ରରେ ତାଙ୍କ ସରକାରଙ୍କ ଦ୍ୱାରା ପରିଚାଳିତ ଅନେକ ଲୋକପ୍ରିୟ ଯୋଜନା ଲୋକମାନଙ୍କୁ ନୂତନ ଦିଗ୍‌ଦର୍ଶନ ଦେବାରେ ସାହାଯ୍ୟ କରିଛି ଯାହା କେବଳ ଓଡ଼ିଶା ନୁହେଁ ସର୍ବ ଭାରତୀୟ ସ୍ତରରେ ମଧ୍ୟ ସ୍ୱୀକୃତି ଲାଭ କରିଛି ।

**ଆରଚିଡ ରୟାଲ ଆପାର୍ଟମେଣ୍ଟ, ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର**
**ମୋ-୯୪୩୯୭୧୯୮୫୭**

# ଆର୍ଦ୍ରଭୂମି ଓ ଜଳ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ


**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାରଙ୍କର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଅଧିନସ୍ଥ ସେଣ୍ଟର ଫର ଏନ୍‌ଭର୍ଣ୍ଣମେଣ୍ଟାଲ ଷ୍ଟଡ଼ିଜ୍ ଓ ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଲୁମ୍ବିନୀ ବିହାରସ୍ଥିତ ରଣା ପୋଖରୀ ପରିସରରେ ସୁରକ୍ଷା ଅନୁଷ୍ଠାନ ସହଯୋଗ କ୍ରମେ ପୂର୍ବାହ୍ନରେ ଆର୍ଦ୍ରଭୂମି ଓ ଜଳ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ପାଳିତ ହୋଇଯାଇଛି।

ଆଚାର୍ଯ୍ୟ ହରିହର ମହା-ବିଦ୍ୟାଳୟର ଅଧ୍ୟକ୍ଷ ଡଃ ପବିତ୍ର କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସ୍ତମ୍ଭକାର ସୁଧାଂଶ ମହାପାତ୍ର ଅତିଥି ଭାବେ ଯୋଗ ଦେଇ ଜଳ ସୁରକ୍ଷା ଓ ଜୀବନ ରକ୍ଷା ଏବଂ ଛାତ୍ରଛାତ୍ରୀମାନେ ଦୃଢ଼ ସଂକଳ୍ପ ନେଇ ଏହାକୁ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଥିଲେ। ସି.ଇ.ଏସ୍.ର ଯୋଜନା ସହାୟକ ଡଃ ରାଜେଶ କୁମାର ମହନ୍ତ, ଯୋଜନା ସହାୟକ ଭରତ ଚନ୍ଦ୍ର ଜେନା ଓ ସୁରକ୍ଷା ସମ୍ପାଦକ କେଶବ ରଣା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରକୃତିର ସୁରକ୍ଷା ଆଜିର ସବୁଠୁ ବଡ଼ ଆବଶ୍ୟକତା ଏବଂ ସେଥିପ୍ରତି ଆମର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ବୋଲି କହିଥିଲେ। ଛାତ୍ରଛାତ୍ରୀମାନଙ୍କର ଏକ ସଚେତନତା ଶୋଭାଯାତ୍ରା ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟ ଠାରୁ ଲୁମ୍ବିନୀ ବିହାର ସ୍ଥିତ ରଣା ପୋଖରୀ ଯାଏ ବାହାରିଥିଲା, ଏହି କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ସୁରକ୍ଷାର ବରିଷ୍ଠ ସଭ୍ୟ ପଦ୍ମଲୋଚନ ସାହୁ, ଧରଣୀଧର ବିଶ୍ୱାଳ ଓ ଶିକ୍ଷାବିତ୍ ପ୍ରଶାନ୍ତ ଦାସ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ।

# ରାଜ୍ୟ ସ୍ତରୀୟ ଏକ ବିଂଶ କେନ୍ଦ୍ରାପଡ଼ା ପୁସ୍ତକ ମେଳା ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା,ନ୍ୟୁଜ୍‌ବ୍ୟୁରୋ**



ରାଜ୍ୟ ସ୍ତରୀୟ ଏକ ବିଂଶ କେନ୍ଦ୍ରାପଡ଼ା ପୁସ୍ତକ ମେଳା-୨୦୨୪ ଶନିବାର ସଂନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ତଥା ପ୍ରାକ୍ତନ ରାଜ୍ୟ ନିର୍ବାଚନ କମିଶନର ଡ଼ଃ ସଂଜୀବ ଚନ୍ଦ୍ର ହୋତା ଉଦ୍‌ଘାଟକ ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ୮ ଦିନିଆ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ । ନିଜ ବକ୍ତବ୍ୟରେ ଶ୍ରୀ ହୋତା କହିଥିଲେ ଯେ, ପ୍ରକୃତିର ଅମୂଲ୍ୟ ଦାନର ଗୁରୁତ୍ୱ ଓ ଆବଶ୍ୟକତାକୁ ବୁଝି ନପାରି ଆମେ ଅବାରିତ ଭାବେ ଏହାକୁ ପ୍ରଦୂଷିତ ଓ ବ୍ୟବହାର ଅନୁପଯୋଗୀ କରି ଚାଲିଛୁ। ଆମର ଏହି ଅକ୍ଷମଣୀୟ କାର୍ଯ୍ୟକୁ ନ ସୁଧାରିଲେ ଭବିଷ୍ୟତ ବଂଶଧର ମାନଙ୍କ ପାଇଁ ଆମେ ଏକ ଭୟଙ୍କର ବିପଦ ଛିଡା କରିଦେବୁ। କେନ୍ଦ୍ରାପଡ଼ାର ପୃଥିବୀ ବିଖ୍ୟାତ ଅଭୟାରଣ୍ୟ ଭିତରକନିକାର ଜୈବ ବିବିଧତାକୁ ସୁରକ୍ଷିତ ରଖି ପରିବେଶଗତ ସନ୍ତୁଳନକୁ ଆମେମାନେ ବଜାୟ ରଖିବାକୁ ପଡ଼ିବ। ଏନେଇ ସାହିତ୍ୟିକ ଓ କବିମାନେ ନିଷ୍ଠାପର ଭାବେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ଏହା ସହ ପୁସ୍ତକ ଭଳି ଅତି ଉପକାରୀ ପ୍ରକୃତ ବନ୍ଧୁର ବିକଳ୍ପ ଅନ୍ୟକିଛି ନାହିଁ ବୋଲି ବକ୍ତବ୍ୟ ରଖିଥିଲେ । କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର(କେମ୍)ର ସଭାପତି ଇଂ ଅକ୍ଷୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱ ବିଦ୍ୟାଳୟର କୁଳପତି ଡ଼ଃ ତପନ କୁମାର ପଣ୍ଡା ମୁଖ୍ୟ ଅତିଥି, ବିଶିଷ୍ଟ ପରିବେଶ ବିଜ୍ଞାନୀ ଓ ଲେଖକ ଡ଼ଃ ଜୟକୃଷ୍ଣ ପାଣିଗ୍ରାହୀ ମୁଖ୍ୟବକ୍ତା, ବିଶିଷ୍ଟ ବୈଜ୍ଞାନିକ ଓ କୁମ୍ଭୀର ବିଶେଷଜ୍ଞ ଡ଼ଃ ସୁଧାକର କର ବିଶିଷ୍ଟ ଅତିଥି ଓ ପରିବେଶବିତ୍ ତଥା ପକ୍ଷୀ ବିଶାରଦ ପ୍ରମୋଦ ଧଳ ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଏ ଅବସରରେ କେମର ମୁଖପତ୍ର କେନ୍ଦ୍ରାପଡା ପରିକ୍ରମାର ଭିତରକନିକା ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା । କବି ନବଜ୍ୟୋତି ରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂପାଦକ ମହମ୍ମଦ ଜାହିଦ ଖାନ ସଂପାଦକୀୟ ବିବରଣୀ ପାଠ କରିଥିଲେ । ଗୋକୁଳଚନ୍ଦ୍ର ସଂଗୀତ ସଦନର ଶିଳ୍ପୀଙ୍କ ଦ୍ୱାରା ସାଂସ୍କୃତିକ ବିଚିତ୍ରା ପରିବେଷଣ ହୋଇଥିଲା । ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କେମର ମୁଖ୍ୟ ଉପଦେଷ୍ଟା ଡଃ ବିରଜା ରାଉତରାୟ, କବି ନିରାକାର ଦାସଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ, ଲେଖକ, ସାହିତ୍ୟିକ, ଅଧ୍ୟାପକ ଓ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

**ନିର୍ମାଣ ଶ୍ରମିକ ନିଜ ନାମକୁ ପଞ୍ଜିକୃତ କରାନ୍ତୁ**
**ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସହାୟତା ନିଅନ୍ତୁ**

**ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ତରଫରୁ ମିଳୁଥିବା ସହାୟତା**

(୧) ପ୍ରସୂତୀ କାଳୀନ ସହାୟତା ଟ.୧୦,୦୦୦/-ଙ୍କା ପ୍ରତ୍ୟେକ
(୨) ଶିକ୍ଷାବୃତ୍ତି ସହାୟତା ଟ.୨,୦୦୦/-ଙ୍କା ରୁ ଟ.୪୦,୦୦୦/-ଙ୍କା
(୩) ବିବାହ ସହାୟତା ଟ.୫୦,୦୦୦/-ଙ୍କା
(୪) ଯନ୍ତ୍ରପାତି କ୍ରୟ ସହାୟତା ଟ.୪,୦୦୦/-ଙ୍କା
(୫) ସାଇକେଲ ସହାୟତା ଟ.୪,୦୦୦/-ଙ୍କା (ସର୍ବାଧିକ)
(୬) ନିରାପତ୍ତା ଉପକରଣ ସହୟତା ଟ.୧,୦୦୦/-ଙ୍କା
(୭) ଚିକିତ୍ସା ସହାୟତା
(୮) ମୃତ୍ୟୁ କାଳୀନ ସହାୟତା (ସ୍ୱାଭାବିକ ଟ.୪,୦୦,୦୦୦/-ଙ୍କା (ଚାରିଲକ୍ଷ)
(୯) ଦୁର୍ଘଟଣା ଜନିତ ମୃତ୍ୟୁ ଟ.୪,୦୦,୦୦୦/-ଙ୍କା
(୧୦) ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ଟ.୫,୦୦୦/-ଙ୍କା
(୧୧) ପେନ୍‌ସନ୍

ଅନଲାଇନ୍ ମାଧ୍ୟମରେ ନୂତନ କାର୍ଡ଼ ପଞ୍ଜିକରଣ, ନବୀକରଣ ତଥା ସହାୟତା ରାଶି ଆବେଦନ କରିପାରିବେ।

ସୌଜନ୍ୟ : ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼, ଭୁବନେଶ୍ୱର
ଜିଲ୍ଲା ପ୍ରଶାସନ ଓ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ, ସୁବର୍ଣ୍ଣପୁର

ଭୁବନେଶ୍ୱର
୮ ଜାନୁଆରୀ
ସୋମବାର, ୨୦୨୪
RNI Regd. No. : 52640/94
Postal Regd. No. : BN/60/22-24

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ













ପୁରୀ : ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଅବସରରେ ଉପସ୍ଥିତ ଅଛନ୍ତି ଗଜପତି ମହାରାଜ ଦିବ୍ୟସିଂହ ଦେବ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ତତ୍କାଳୀନ ୫-ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ତତ୍କାଳୀନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର

(ସମ୍ବାଦ କଳିକା ଫାଇଲ ଫଟୋ)

## ବକ୍ସ ଡ୍ରେନ୍ କାର୍ଯ୍ୟ ସମୀକ୍ଷା କଲେ ନଗର ଉନ୍ନୟନ ସଚିବ



**କଟକ,୭।୧ :ନ୍ୟୁଜ୍‌ବ୍ୟୁରୋ**

କଟକ ସହରରେ ଚାଲୁଥିବା ଜଳ ମଳ ନିଷ୍କାସନ ପ୍ରକଳ୍ପ(ଜାଇକା)ର ବକ୍ସ ଡ୍ରେନ୍ କାର୍ଯ୍ୟ ଅଗ୍ରଗତିକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥାନାନ୍ ସମୀକ୍ଷା କରିଛନ୍ତି । ଏହି କାର୍ଯ୍ୟକୁ ଫେବୃଆରୀ ପ୍ରଥମ ସପ୍ତାହରେ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଅପରାହ୍ନ ୫ଟାରେ ସଚିବ ଶ୍ରୀ ମାଥିଭାଥାନାନ୍ କଟକରେ ପହଞ୍ଚି ବକ୍ସି ବଜାର, ବଜ୍ରକବାଟି, ଗଣ୍ଡାଡିଆ, ଫ୍ରେଣ୍ଡସ୍ କଲୋନୀ ଓ ପ୍ରଫେସରପଡା ଅଞ୍ଚଳରେ ଜାରି ରହିଥିବା ବକ୍ସ ଡ୍ରେନ୍ କାର୍ଯ୍ୟକୁ ବୁଲି ଦେଖିବା ସହ ଉପସ୍ଥିତ ଯନ୍ତ୍ରୀ ଓ ଅଧିକାରୀମାନଙ୍କ ସହିତ କାର୍ଯ୍ୟର ଅଗ୍ରଗତି ସଂପର୍କରେ ଆଲୋଚନା କରିଥିଲେ। ଯେପରି ଜନସାଧାରଣ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଶେଷକରି ବାରପଥର ଓ ବଜ୍ରକବାଟିରେ ନିର୍ମାଣ ଜାରି ରହିଥିବା କଲ୍‌ଭର୍ଟ କାର୍ଯ୍ୟ ସେ ଅନୁଧ୍ୟାନ କରିବା ସହ ଏହି କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

୨.୮ କିଲୋମିଟର ବ୍ୟାପୀ ଏହି ବକ୍ସ ଡ୍ରେନ୍ ଉପରେ ମେରିଆବଜାର ଠାରେ କଲ୍‌ଭର୍ଟ କାମ ଶେଷ ହୋଇଥିବା ବେଳେ ବକ୍ସିବଜାର, ବଜ୍ରକବାଟିରେ ଥିବା କଲ୍‌ଭର୍ଟର ନିର୍ମାଣ କାର୍ଯ୍ୟ ସୁରୁଖୁରୁରେ ଶେଷ କରିବା ପାଇଁ ଉପସ୍ଥିତ ଅଧିକାରୀ ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ ଓ ଉପାଧ୍ୟକ୍ଷ ତଥା ସିଏମ୍‌ସି କମିଶନର ନିଖିଲ ପଥ୍ୱନ କଲ୍ୟାଣଙ୍କ ସହିତ ଆଲୋଚନା କରିଥିଲେ । ଏହାପରେ ସେ ସିଡିଏସ୍ଥିତ କାର୍ଯ୍ୟାଳୟରେ ପହଞ୍ଚି ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ସହ କାର୍ଯ୍ୟର ଅଗ୍ରଗତି, ବର୍ତ୍ତମାନର ସ୍ଥିତି ସଂପର୍କରେ ଆଲୋଚନା କରିଥିଲେ । ସେହିପରି ୨.୮କିଲୋମିଟର ଲମ୍ବା ଓ ୯.୫ ମିଟର ଚଉଡ଼ା ବକ୍ସଡ୍ରେନ୍ ଉପରେ କିଭଳି ଭାବରେ ରାସ୍ତା ନିର୍ମାଣ ହେବ ସେ ସଂପର୍କରେ ଆଲୋଚନା କରିଥିଲେ। ଏତଦ୍ ବ୍ୟତୀତ ବକ୍ସଡ୍ରେନ୍‌ର ଉଭୟ ପାର୍ଶ୍ୱରେ ଫୁଟ୍‌ପାଥ୍, ସାଇକ୍ଲିଂ ଟ୍ରାକ୍, ମେଡିଆନ୍ସ, ପାର୍କିଂ ଜାଗା ଓ ବୃକ୍ଷରୋପଣ ଆଦି କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

ନଗର ଉନ୍ନୟନ ବିଭାଗ ପକ୍ଷରୁ ବାରମ୍ବାର କାର୍ଯ୍ୟର ସମୀକ୍ଷା କରାଯିବା ସହ ସଚିବ ଶ୍ରୀ ମାଥିଭାଥାନାନ୍ ଏଥିପୂର୍ବରୁ କଟକରେ କାର୍ଯ୍ୟ ତଦାରଖ କରିଥିଲେ । ପୂର୍ବରୁ ଜାଇକା କାର୍ଯ୍ୟ ପାଇଁ ଗଠନ କରାଯାଇଥିବା ସଂସ୍ଥାକୁ ରାଜ୍ୟ ସରକାର ଭାଙ୍ଗିଦେବା ପରେ ସିଏମ୍‌ସି କମିଶନର ନିଖିଲ ପଥ୍ୱନ କଲ୍ୟାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ୱାଟ୍‌କୋ ପକ୍ଷରୁ ଜାରି ରହିଛି ।

ଶ୍ରୀ ମାଥିଭାଥାନାନ୍‌ଙ୍କ ପରିଦର୍ଶନ ସମୟରେ ସିଡିଏ ଅଧ୍ୟକ୍ଷ ଶ୍ରୀ ସାମଲ, ଉପାଧ୍ୟକ୍ଷ ତଥା ସିଏମ୍‌ସି କମିଶନର ଶ୍ରୀ କଲ୍ୟାଣ, ୱାଟକୋ ସିଇଓ ପ୍ରଦୀପ୍ତ କୁମାର ସ୍ୱାଇଁ, ୱାଟକୋର ଡ୍ରେନେଜ୍ ଓ ସ୍ୱେରେଜ୍ ବିଭାଗର ପରିଚାଳକ ବିଜୟ କୁମାର ପଣ୍ଡା, ୱାଟକୋ ଡ୍ରେନେଜ୍ ବିଭାଗ ଜି.ଏମ୍. ଅଚ୍ୟୁତାନନ୍ଦ ବେହେରା, ୱାଟକୋ ପରିଚାଳକ ଦେବବ୍ରତ ମହାନ୍ତି, ସିଏମ୍‌ସି ସିଟି ଇଞ୍ଜିନିୟର ଅତନୁ ସାମନ୍ତ ଏବଂ ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥାର ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

## କାଦମ୍ବିନୀ ସାହିତ୍ୟ ମହୋତ୍ସବ ଓ ପତ୍ରିକା ହାଟ

# ମୃଦୁଳା ଗର୍ଗଙ୍କୁ 'ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୪'

**ଭୁବନେଶ୍ୱର,୭।୧ :ନ୍ୟୁଜ୍‌ବ୍ୟୁରୋ**

ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ପକ୍ଷରୁ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ', 'କାଦମ୍ବିନୀ ପତ୍ରିକା ହାଟ', କବି-କବିତା କାର୍ଯ୍ୟକ୍ରମ, କୁନାକୁନି ମେଳା ଓ ଶିଶୁ ସାହିତ୍ୟ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଶିଷ୍ଟ ଭାରତୀୟ ସାହିତ୍ୟିକା ମୃଦୁଳା ଗର୍ଗଙ୍କୁ ଚଳିତବର୍ଷର ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୪ ଏବଂ ବିଶିଷ୍ଟ କଥାକାର, ସମ୍ପାଦକ ତଥା ରାଷ୍ଟ୍ରପତିଙ୍କ ଅତିରିକ୍ତ ପ୍ରେସ୍ ସଚିବ ବିଜୟ ନାୟକଙ୍କୁ କାଦମ୍ବିନୀ ସାହିତ୍ୟ ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା। ସମ୍ମାନ ଗ୍ରହଣ କରି ଶ୍ରୀମତୀ ଗର୍ଗ କହିଲେ, କାଦମ୍ବିନୀ ତଥା କିଟ୍, କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ମାଆଙ୍କ ସ୍ମୃତିରେ ଏହି ସମ୍ମାନ ମୋତେ ପ୍ରଦାନ କରାଯାଉଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି। ଜୀବନରେ ଟଙ୍କା ବଡ଼ ନୁହେଁ ହୃଦୟ ବଡ଼। ଆଜି ସମାଜରେ ଭଲ ହୃଦୟର ଲୋକଙ୍କ ଯୋଗୁଁ ଦୁନିଆ ତିଷ୍ଠି ରହିଛି ବୋଲି ସେ କହିଥିଲେ। ଓଡ଼ିଆରେ ଯେତେ ସଂଖ୍ୟକ ଲଘୁ ପତ୍ରିକା ରହିଛି ହିନ୍ଦୀରେ ସେତେ ସଂଖ୍ୟକ ଲଘୁ ପତ୍ରିକା ନାହିଁ। କାଦମ୍ବିନୀ ପକ୍ଷରୁ ଲଘୁ ପତ୍ରିକାସବୁକୁ ପ୍ରୋତ୍ସାହିତ ଓ ଉତ୍ସାହିତ କରାଯିବା ପ୍ରଶଂସନୀୟ କାର୍ଯ୍ୟ ବୋଲି ଶ୍ରୀମତୀ ଗର୍ଗ କହିଥିଲେ। ଶ୍ରୀ ନାୟକ କହିଲେ, ନିଆଁ ଓ ଚକର ଆବିଷ୍କାରଠାରୁ ପରିବର୍ତ୍ତନର ଧାରା ଦେଇ ଆମେ ଆଜି ଆଧୁନିକ ଯୁଗରେ ପହଞ୍ଚିଛୁ। ପରିବର୍ତ୍ତନ ହେଉଛି ଆମ ଜୀବନର ସବୁଠାରୁ ଅପରିବର୍ତ୍ତନୀୟ ନିୟମ। ପରିବର୍ତ୍ତନ ସଭ୍ୟତା ସହ ଜଡ଼ିତ। କିନ୍ତୁ ଯାହା ଆମ ସହିତ ସବୁବେଳେ ରହିଥାଏ ତାହା ହେଉଛି ସଂସ୍କୃତି। ଜୀବନ ସହ ସଂସ୍କୃତି ଜଡ଼ିତ ଏବଂ ଜିଇଁବା ସହ ସଭ୍ୟତା ଜଡ଼ିତ। ଡ. ଅଚ୍ୟୁତ ସାମନ୍ତ ସଭ୍ୟତା ଓ ସଂସ୍କୃତି ମଧ୍ୟରେ ସମନ୍ୱୟ ଆଣିପାରିଛନ୍ତି। ସାହିତ୍ୟ ଓ କଳା ହେଉଛି ଗୋଟିଏ ରାଜ୍ୟର ପଦଚିହ୍ନ। କାଦମ୍ବିନୀ ହେଉଛି ଆମ ରାଜ୍ୟର ପ୍ରତିବିମ୍ବ ନୁହେଁ ପ୍ରତିଧ୍ୱନୀ ବୋଲି ଶ୍ରୀ ନାୟକ କହିଥିଲେ। ଉତ୍ସବର ଅନ୍ୟତମ ଅତିଥି ବିଶିଷ୍ଟ ଲେଖିକା ଅନୀତା ଅଗ୍ନିହୋତ୍ରୀ କହିଲେ, ଛୋଟ ଛୋଟ ପତ୍ରିକା ହେଉଛି ସାହିତ୍ୟର ପ୍ରାଣ। ଭାରତୀୟତା ହେଉଛି ସମସ୍ତ ସାହିତ୍ୟ ଓ ସଂସ୍କୃତି ମଧ୍ୟରେ ସୁସମ୍ପର୍କ। ପତ୍ରିକାହାଟ ଏକ ଭଲ ପରିକଳ୍ପନା ବୋଲି ସେ କହିଥିଲେ।

ଜୀବନରେ କିଛି କରିବାକୁ ହେଲେ ଲୋକଙ୍କ ପାଇଁ କର ବୋଲି ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇ ଚଳଚ୍ଚିତ୍ର ଅଭିନେତା ଅଭୟ ବର୍ମା। କହିଥିଲେ। ସେ କହିଲେ, କିଟ୍ ଓ କିସ୍ ବୁଲିବା ପରେ ମୁଁ ଜୀବନର ବାସ୍ତବ ମୂଲ୍ୟ ବୁଝିପାରିଛି। ଗୁରୁଙ୍କୁ କେବେ ବି ଜୀବନରେ ଭୁଲିଯିବା ଉଚିତ ନୁହେଁ। ଗୁରୁଙ୍କ ଶିକ୍ଷାକୁ ସବୁବେଳେ ମନେରଖି କାମରେ ଲଗାଇବା ଉଚିତ ବୋଲି ସେ କହିଥିଲେ। ସେହିପରି ବିଶିଷ୍ଟ ହିନ୍ଦୀ ଚଳଚ୍ଚିତ୍ର ପ୍ରଯୋଜକ ଓ ନିର୍ଦ୍ଦେଶକ ସନ୍ଦୀପ ସିଂହ କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ଭାବେ ଯୋଗଦେଇ କହିଲେ ଜୀବନରେ ଅର୍ଥ ଓ ନାଁ କମେଇବା ସବୁକିଛି ବୋଲି ମୋର ଯେଉଁ ଧାରଣ ରହିଥିଲା ଏଠାକୁ ଆସିବା ପରେ ତାହା ଦୂର ହୋଇଯାଇଛି। ଜୀବନରେ ସମ୍ମାନ ଓ ସ୍ନେହ ସବୁଠାରୁ ବଡ଼ ବୋଲି ମୁଁ ଏଠାରୁ ଶିଖିବାକୁ ପାଇଲି। ଆଗାମୀ ୩ବର୍ଷ ପାଇଁ ଓଡ଼ିଶାର ପ୍ରତିଭାଙ୍କୁ ନେଇ କିଛି କରିବେ ବୋଲି ସେ କହିଥିଲେ। ବିଶିଷ୍ଟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ବିନୋଦ ଗନତ୍ରା କହିଲେ, ନିଷ୍କାମ କର୍ମଯୋଗ କ'ଣ ତାହା ଏଠାକୁ ଆସିବା ମୁଁ ଜାଣି ପାରିଛି।



ସୂଚନାଯୋଗ୍ୟ, ମୃଦୁଳା ଗର୍ଗଙ୍କୁ ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୪ ବାବଦରେ ୫ଲକ୍ଷ ଟଙ୍କାର ଅର୍ଥରାଶି, ରୌପ୍ୟ ପଦକ, ସନନ୍ଦ ପତ୍ର ଓ ଉପଢ୍ୌକନ ପ୍ରଦାନ କରାଯାଇଥିଲା। ବିଜୟ ନାୟକଙ୍କୁ କାଦମ୍ବିନୀ ସାହିତ୍ୟ ସମ୍ମାନ-୨୦୨୪ ବାବଦରେ ୧ଲକ୍ଷ ଟଙ୍କାର ଅର୍ଥରାଶି, ସନନ୍ଦ ପତ୍ର ଓ ଉପଢ୍ୌକନ ପ୍ରଦାନ କରାଯାଇଥିଲା। ସେହିପରି 'ସୁଲେଖା' ସମ୍ପାଦକ ସଦାଶିବ ମିଶ୍ର ଓ 'ଗୋଧୂଳି' ସମ୍ପାଦିକା ବିମଳା ସିଂହଙ୍କୁ କାଦମ୍ବିନୀ ସମ୍ପାଦକ ସମ୍ମାନ ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦରେ ୧୦ହଜର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିବା ବେଳେ ପ୍ରଫେସର ବୈଷ୍ଣବ ଚରଣ ସାମଲ, ରାଧାବିନୋଦ ନାୟକ, ସୁକାମିନୀ ନନ୍ଦ, ତୁଳସୀ ଓଝା ଓ ପ୍ରଫେସର ନାରାୟଣ ସାହୁଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା-୨୦୨୪' ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିପରି ପାଲା ଗାୟିକା ପ୍ରଜ୍ଞା ରାଉତଙ୍କୁ 'କାଦମ୍ବିନୀ ସମ୍ବର୍ଦ୍ଧନା-୨୦୨୪' ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା 'କାଦମ୍ବିନୀ' ଓ 'କୁନିକଥା' ଜାନୁଆରୀ ସଂଖ୍ୟା ଶୁଭ ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। 'କାଦମ୍ବିନୀ' ଓ 'କୁନିକଥା' ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦିକା ଡ. ଇତିରାଣୀ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

ଯୁବସାହିତ୍ୟ ସମ୍ମିଳନୀରେ ବିଶିଷ୍ଟ ସାହିତ୍ୟିକ ମିହିର କୁମାର ସାହୁ, ପଞ୍ଚାନନ ନାୟକ ଓ ଚିରଶ୍ରୀ ଇନ୍ଦ୍ରସିଂ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଡିଲେଶ୍ୱର ରଣା, ସୌମ୍ୟା ମହାପାତ୍ର, ସଞ୍ଜୟ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ସଞ୍ଚାଳନା କରିଥିଲେ ବିଭାବତୀ ଦାଶ ଓ କୈଳାସ ବେହେରା। ପ୍ରଜ୍ଞାପାରମିତା ରଥ, ମିଯୋଗ ରଞ୍ଜନ ପାତ୍ର ଓ ବେଦପ୍ରକାଶ ନାୟକଙ୍କୁ ଗଳ୍ପ ପାଇଁ 'କାଦମ୍ବିନୀ ନବଉନ୍ମେଷ ପୁରସ୍କାର' ପ୍ରଦାନ କରାଯାଇଥିବା ବେଳେ କବିତା ପାଇଁ ନିଖିଳେଶ ମିଶ୍ର, ଅବକାଶ ପ୍ରଧାନ, ସଂଘମିତ୍ରା ଭୂତିଆ, ଆଶିଷ କୁମାର ମିଶ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।

ଏହି ଅବସରରେ ଅନୁଷ୍ଠିତ ଶିଶୁସାହିତ୍ୟ ସମ୍ମିଳନୀ ଓ କୁନାକୁନି ମେଳାରେ ବିନୋଦ ଗନତ୍ରା, ବିଶିଷ୍ଟ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ବାବା ରାମନାରାୟଣ ଦାସ ଓ କଲିକତାସ୍ଥିତ ଏସ୍‌ଆର୍‌ଏଫ୍‌ଟିର ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ ପ୍ରମୁଖ ଯୋଗ ଦେଇଥିବା ବେଳେ ଯୁଗଳ କିଶୋର ଷଡ଼ଙ୍ଗୀ, ଜ୍ୟୋତିର୍ମୟୀ ମହାନ୍ତି, ମାନସ ରଞ୍ଜନ ସାମଲ ଓ ଶରତ କୁମାର ନାୟକଙ୍କୁ କୁନିକଥା ପ୍ରିୟଲେଖକ ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ କୁନିକଥା କୁନି-ପ୍ରତିଭା ପୁରସ୍କାର ସହ ଶିଶୁସାହିତ୍ୟ ସମ୍ମିଳନୀ ଓ କୁନାକୁନି ମେଳା ଏବଂ କଥା-କବିତା-ନୃତ୍ୟ-ସଙ୍ଗୀତ କାର୍ଯ୍ୟକ୍ରମ କୁନି ପ୍ରତିଭାମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା।

ଏହି ଅବସରରେ କବି ଓ କବିତା ଶୀର୍ଷକ ସମ୍ପାଦକ-କବିମାନଙ୍କୁ ନେଇ ଅନୁଷ୍ଠିତ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୬ ହଜାରରୁ ଉର୍ଦ୍ଧ୍ୱ ସାହିତ୍ୟିକ ଓ ସାହିତ୍ୟପ୍ରେମୀ ଯୋଗ ଦେଇଥିବା ବେଳେ ୫ଶହରୁ ଉର୍ଦ୍ଧ୍ୱ ପତ୍ରିକା 'ପତ୍ରିକା ହାଟ'ରେ ଯୋଗଦେଇଥିଲେ।



ଭୁବନେଶ୍ୱର : କାଦମ୍ବିନୀ ସାହିତ୍ୟ ମହୋତ୍ସବ ଓ ପତ୍ରିକା ହାଟରେ ପ୍ରମୁଖ ମାସିକ ଗଳ୍ପ ପତ୍ରିକା 'କଥା କଳିକା' ପକ୍ଷରୁ ଖୋଲାଯାଇଥିବା ଷ୍ଟଲ୍‌ରେ ପାଠକମାନଙ୍କ ଭିଡ଼। (ଫଟୋ : ସମ୍ବାଦ କଳିକା)

## ବାବା ଧବଳେଶ୍ୱରଙ୍କୁ ଦର୍ଶନ କଲେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

**କଟକ,୭।୧ :ନ୍ୟୁଜ୍‌ବ୍ୟୁରୋ**



ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରରେ ରବିବାର ସକାଳେ ପହଞ୍ଚି ବାବା ଧବଳେଶ୍ୱରଙ୍କୁ ଦର୍ଶନ କରିଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଶନିବାର ରାତିରେ ଧବଳେଶ୍ୱରରେ ପହଞ୍ଚିବା ପରେ ସେଠାରେ ଥିବା ଗେଷ୍ଟ ହାଉସରେ ରାତ୍ରିଯାପନ କରିଥିଲେ। ରବିବାର ସକାଳ ୮ଟା ବେଳେ ଅଶ୍ୱିନୀ ବୈଷ୍ଣବ ଧବଳେଶ୍ୱରଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ରେଳମନ୍ତ୍ରୀଙ୍କ ସହ କଟକ ଜିଲ୍ଲା ବିଜେପି ସଭାପତି ପ୍ରକାଶ ବେହେରାଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ। ଏହାପରେ ସେ କଟକ ଜିଲ୍ଲାରେ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଠଗଡ଼ରେ ବିଜେପି କୋର କମିଟି ବୈଠକରେ ଯୋଗ ଦେଇ ଦଳୀୟ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ। ଅନ୍ୟପଟେ ବଡ଼ମ୍ବାରେ ପହଞ୍ଚି ଭଟ୍ଟାରିକା ମନ୍ଦିର ପରିଦର୍ଶନ କରିବା ସହ ଚମ୍ପେଶ୍ୱର ମନ୍ଦିର କଲ୍ୟାଣ ମଣ୍ଡପରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଜଣାପଡ଼ିଛି।









ଭୁବନେଶ୍ୱର : '୫-ଟି ଓ ନବୀନ ଓଡ଼ିଶା'ର ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ କଳାମଣ୍ଡଳ ଯାଇ ସେଠାରେ ନିର୍ମାଣାଧୀନ 'ଅକ୍ଷର ଭୂମି' କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

www.cutm.ac.in



THE RIGHT SKILLS LEAD TO RIGHT DIAGNOSTIC OBSERVATIONS
MADE IN CENTURION
The career opportunities in the medical field are infinite. And at present, one of the most in-demand medical personnel are Allied Health Professionals (AHP). At Centurion University, we understand the importance of AHP. Our courses offer students hands-on experience in administration of anesthesia, providing diagnostic, technical, therapeutic and direct patient care and other support services and take the next step towards enhancing India's medical community.
A+ NAAC
FOR ADMISSIONS, CALL: 82600 77222
LEARN EXPERIENCE CHANGE
Centurion UNIVERSITY
PARAMEDICS & ALLIED HEALTH COURSES :
Certificate Courses:
- Ophthalmic Assistance
- Dialysis Technician
- Operation Theatre (OT) Technician
- Electrocardiogram (ECG) Technician
- Electroencephalogram (EEG) Technician
- Electromyography (EMG) Technician
- Blood Collection Technician
- Ward Technician
- Ophthalmic Surgical Assistant
Diploma Courses:
- Medical Laboratory Technology
- Medical Radiology Technology
Bachelor Courses:
- B.Sc. Medical Laboratory Technology
- B.Sc. Clinical Microbiology
- B.Sc. Medical Radiation Technology (Radiology)
- B.Sc. Operation Theatre Technology
- B.Sc. Optometry
- B.Sc. Anesthesia Technology
- B.Sc. Emergency Medicine Technology
- Bachelor in Physiotherapy
- Nursing
Masters Courses:
- M.Sc. in Medical Laboratory Technology
- M.Sc. in Applied & Clinical Microbiology
- M.Sc. Optometry
CAMPUSES: PARALAKHEMUNDI | BHUBANESWAR | VIZIANAGARAM | BOLANGIR | RAYAGADA | BALASORE | CHATRAPUR